

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:208+26 November 2026 (Thursday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୨୦୮+୨୬ ନଭେମ୍ବର ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ପୁଟିନଙ୍କୁ ମହଙ୍gା ପଡ଼ିଲା ଯୁଦ୍ଧ

ରୁଷ୍ ହରାଇଲାଣି ୭ ଲକ୍ଷରୁ ଅଧିକ ସୈନ୍ୟ !



ନୂଆଦିଲ୍ଲୀ, ୨୫/୧୧: ୨୦୨୨ରୁ ୟୁକ୍ରେନ ସହ ଚାଲିଥିବା ଯୁଦ୍ଧରେ ରୁଷ୍ ୭ ଲକ୍ଷରୁ ଅଧିକ ସୈନ୍ୟ ହରାଇଲାଣି । ଏହି ସଂଖ୍ୟା ସରକାରୀ ରେକର୍ଡରେ ଥିବା ତଥ୍ୟଠାରୁ ପ୍ରାୟ ୨ ଲକ୍ଷ ଅଧିକ ବୋଲି ରୁଷ୍ ବିରୋଧୀ ଗଣମାଧ୍ୟମ 'ମିଡିଆଜୋନା' ଏବଂ 'ମେଡୁଜା'ର ଏକ ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରକାଶ କରିଛନ୍ତି । ରୁଷ୍ ? ବାହାରେ କାର୍ଯ୍ୟ କରୁଥିବା ଏହି ଗଣମାଧ୍ୟମ ଅନୁସାରେ, ୟୁକ୍ରେନ ସମ୍ପୃକ୍ତ ଦୁଇ ହ୍ୟାକର୍ସ ଗ୍ରୁପ୍ ? ଦ୍ୱାରା ପ୍ରକାଶ ହୋଇଥିବା ତାଟା ଆଧାରରେ ଉକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଏହା ମୁତାବକ, ରୁଷ୍ ? ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୈନ୍ୟ କ୍ଷତି ପୂରଣ କରିବା ଲାଗି ପ୍ରତିବର୍ଷ ୪ ଲକ୍ଷରୁ ଅଧିକ ସୈନିକଙ୍କୁ ସେନାରେ ଭର୍ତ୍ତି କରୁଛନ୍ତି । ଏଥିପାଇଁ ସୈନିକଙ୍କୁ ବଡ଼ଧରଣର ଆର୍ଥିକ ସହାୟତାର ଅଫର ଦିଆଯାଉଛି । ରୁଷର ସରକାରୀ ରେକର୍ଡ ଅନୁସାରେ, ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ଯୁଦ୍ଧରେ ଅତିକମ୍ରରେ ୪ ଲକ୍ଷ ୯୦ ହଜାର ସୈନିକଙ୍କ ମୃତ୍ୟୁ ଘଟିଥିଲା । ତେବେ ସରକାରୀ ରେକର୍ଡରେ ବିଲମ୍ବରେ ନାଁ ଏବଂ ସଂଖ୍ୟା ସାମିଲ କରାଯାଇଥିବାରୁ ଏଥିରେ ୨୦୨୬ରେ ନିହତ ହୋଇଥିବା ଅଧିକାଂଶ ସୈନ୍ୟଙ୍କ ସଂଖ୍ୟା ସ୍ପାମିତ ହୋଇନି । ଏହି ଗୋପ୍ୟ ବା ଡଫାତରୁ ଜାଣିବା ଲାଗି ମେଡୁଜା ଏବଂ ମିଡିଆଜୋନା ପୂର୍ବ ତଥ୍ୟକୁ ବୈଜ୍ଞାନିକ ପ୍ରକ୍ରିୟାରେ ବିଶ୍ଳେଷଣ କରିଥିଲେ । ନିରୋଳ ଥିବା ଜିୟା ମୃତ୍ୟୁ ଘଟିସାରିଥିବାର ଆଶଙ୍କା ଥିବା ସୈନିକଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଥିଲା । ଏହି ଗଣନାରେ ମୃତ ରୁଷୀୟ ସୈନିକଙ୍କ ସଂଖ୍ୟା ୭ ଲକ୍ଷରୁ ଅଧିକ ହୋଇଥିଲା । ବିଶ୍ଳେଷଣଙ୍କ ମୁତାବକ, ରୁଷ୍ ଯେତେସଂଖ୍ୟାରେ ସୈନ୍ୟ ଭର୍ତ୍ତି କରୁଛି ତା'ଠାରୁ ଅଧିକ ସୈନ୍ୟଙ୍କୁ ଯୁଦ୍ଧରେ ହରାଉଛି । ଏହା ସତ୍ତ୍ୱେ ରୁଷ୍ ୨୦୨୬ରେ ପ୍ରାୟ ୪ ଲକ୍ଷ ୯ ହଜାର ନୂଆ ସୈନ୍ୟ ଭର୍ତ୍ତି କରିବାକୁ ଯୋଜନା ରଖିଛି । ଏଥିପାଇଁ ପୁଟିନଙ୍କ ସରକାର ନୂଆ ସୈନ୍ୟଙ୍କୁ ମୋଟା ଅଙ୍କର ଅର୍ଥରାଶି ଦେବାକୁ ଅଫର ବି ଜାରି କରିଛନ୍ତି । ଲଗାତର ସୈନ୍ୟ ଭର୍ତ୍ତି କରୁଥିବାରୁ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଜାରି ରଖିପାରିଛି । ତେବେ ଯୁଦ୍ଧଭୂମିରେ ରୁଷର ସ୍ଥିତି ଉନ୍ନତ ହେବାର ସମ୍ଭାବନା ବହୁତ କମ୍ ବୋଲି କୁହାଯାଉଛି । ଆଗାମୀ ସମୟରେ ରୁଷ୍ ପାଖରେ ସ୍ଥଳଭାଗରେ ଲଢ଼ିପାରୁଥିବା ସୈନ୍ୟଙ୍କ ସଂଖ୍ୟାରେ ହ୍ରାସ ପାଇପାରେ ବୋଲି ବିଶ୍ଳେଷଜ୍ଞଙ୍କ ମତ । ତେବେ ଯୁଦ୍ଧରେ ୟୁକ୍ରେନ ତେମେତାତ୍ତାରେ ସୈନ୍ୟ ହରାଇଛି ତାହାର ସାର୍ବଜନିକ ତଥା ଭରସାଯୋଗ୍ୟ ତଥ୍ୟ ବହୁତ କମ୍ ରହିଛି । କିନ୍ତୁ ୟୁକ୍ରେନ୍‌ଠାରୁ ରୁଷ୍ଠର ସୈନ୍ୟ କ୍ଷତି ଅଧିକ ବୋଲି କୁହାଯାଉଛି । ସେଣ୍ଟର ଫର ଷ୍ଟାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍ (ସିଏସ୍‌ଆଇଏସ୍) ଗତ ଜୁଲାଇରେ ଜାରି କରିଥିବା ଏକ ରିପୋର୍ଟ ମୁତାବକ, ୟୁକ୍ରେନ୍‌ରେ ସୈନ୍ୟ ମୃତାହତଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ ୨୫ ହଜାରରୁ ୬ ଲକ୍ଷ ୨୫ ହଜାର ମଧ୍ୟରେ ରହିପାରେ ।

ଜେନିଫର ବାରେଟୋ ହେଲେ ମିସ୍ ୟୁନିଭର୍ସ ୨୦୨୬



ନୂଆଦିଲ୍ଲୀ, ୨୫/୧୧: ମିସ୍ ୟୁନିଭର୍ସ ୨୦୨୬ ବିଜେତା ଘୋଷଣା । ପୁଏର୍ତୋ ରିକୋର ଜେନିଫର ବାରେଟୋଙ୍କ ମୁଣ୍ଡରେ ତ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ । ଟପ୍-୧୨ରୁ ବାଦ୍ ପଡ଼ିଲେ ଭାରତର ଜାଇଆ । ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ସୁନ୍ଦରୀ ପ୍ରତିଯୋଗିତା 'ମିସ୍ ୟୁନିଭର୍ସ ୨୦୨୬'ର ବିଜେତା ଘୋଷିତ ହୋଇଛନ୍ତି ଜେନିଫର ବାରେଟୋ । ଭେନେଜୁଏଲା ଓ ଡୋମିନିକାନ୍ ରିପବ୍ଲିକର ପ୍ରତିଯୋଗୀଙ୍କୁ ପଛରେ ପକାଇ ମୁକୁଟ ଜିତିଛନ୍ତି ପୁଏର୍ତୋ ରିକୋର ଜେନିଫର ବାରେଟୋ । ଭାରତ ପକ୍ଷରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜେରଜର ୧୯ ବର୍ଷୀୟା ଆଇନ ଛାତ୍ରୀ ଜାଇଆ ଲିଜ୍ ମେକୋ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି । ଜେରଜର ପ୍ରଥମ ଯୁବତୀ ଭାବେ ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ଜିତି ସେ ପୂର୍ବରୁ ଇତିହାସ ରଚିଥିଲେ । ତେବେ ମୁଖ୍ୟ ପ୍ରତିଯୋଗିତାରେ ତାଙ୍କ ଯାତ୍ରା ଇଭିନିଂ ଗାଉନ୍ ପର୍ବରୁ ଶେଷ ହୋଇଯାଇଛି । ସେ ଶ୍ରେଷ୍ଠ ୧୨ ଜଣଙ୍କ ମଧ୍ୟରେ ମଧ୍ୟ ସ୍ଥାନ ପାଇପାରିନାହାନ୍ତି । ତଥାପି ଏତେ ବଡ଼ ଅନ୍ତର୍ଜାତୀୟ ମଂଚରେ ଭାରତର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି । ପୁଏର୍ତୋ ରିକୋର ଜେନିଫର ବାରେଟୋ ଚମତ୍କାର ପ୍ରଦର୍ଶନ କରି ଏହି ସମ୍ମାନଜନକ ମୁକୁଟ ଜିତିଛନ୍ତି । ଗ୍ରାଣ୍ଡ ଫିନାଲେ ମଂଚରେ ବିଜେତା ଭାବେ ଜେନିଫରଙ୍କ ନାମ ଘୋଷଣା ହେବା ମାତ୍ରେ ଉପସ୍ଥିତ ଦର୍ଶକ ଜରତାଳି ବେର ତାଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ପ୍ରତିଯୋଗୀଙ୍କୁ ଜଡ଼ା ଟକ୍କର ଦେଇ ଜେନିଫର ନିଜର ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଏବଂ ବୁଦ୍ଧିମତା ବଳରେ ବିଚାରକମାନଙ୍କ ମନ ଜିଣିଥିଲେ।

ଟ୍ରମ୍ପଙ୍କ ନୂଆ ଟାରିଫ୍ ପ୍ଲାନ୍



୧୬ଟି ଦେଶ ଉପରେ ଶୁଳ୍କ ବୃଦ୍ଧି ପାଇଁ ପ୍ରସ୍ତୁତି

ୱାଶିଂଟନ,୨୫/୧୧:ପୁଣି ଟାରିଫ୍ ଧମକ ଦେଲେ ଟ୍ରମ୍ପ । ସେତେବେଳେ ବି ବିଶ୍ୱର ସର୍ବବୃହତ ବଜାର, ଆମେରିକାରୁ ଶୁଳ୍କ ବୃଦ୍ଧିର ଖବର ଆସେ, ଏହାର ପ୍ରଭାବ ଢେଉକର ବହୁ ଜଜ୍ୟାନୁଗୁଡ଼ିକ ପର୍ଯ୍ୟନ୍ତ ସୀମିତ ନଥାଏ; ଭବିଷ୍ୟତରେ ଏହାର ପ୍ରଭାବ ରପ୍ତାନି, ଚାକିରି ଏବଂ ବ୍ୟବସାୟିକ ପରିବେଶ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ମଧ୍ୟ ପହଂଚିପାରେ। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଥରେ ୧୬ ଟି ଦେଶ ଉପରେ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଇଛି ଏବଂ ଭାରତକୁ ଏହି ସମ୍ଭାବ୍ୟ ତାଲିକାରେ ସାମିଲ କରାଯିବ ବୋଲି କୁହାଯାଉଛି। ବିଶ୍ୱର ଷ୍ଟକ୍ ଏକ୍ସଚେଞ୍ଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର ଏହି ସପ୍ତାହରେ ତାଙ୍କ ତବରର ଫଳାଫଳ ସେୟାର କରିବେ ବୋଲି ଆଶା କରାଯାଉଛି, ଯଦିଓ ଚାରିଖ ପରିବର୍ତ୍ତନ ହୋଇପାରେ। ସରକ ଭାରତର ଜହିବାକୁ ଗଲେ, ଆମେରିକା ବିଶ୍ୱାସ କରେ ଯେ ଅନେକ ଦେଶ ସବପିଡି, ଆର୍ଥିକ ସହାୟତା କିମ୍ବା ଅନ୍ୟାନ୍ୟ ନୀତି ମାଧ୍ୟମରେ ସେମାନଙ୍କର ଘରୋଇ ଜଜ୍ୟାନୀ ଏବଂ ଉତ୍ପାଦକୁ ସମର୍ଥନ କରନ୍ତି। ଏହା ବିଶ୍ୱ ବଜାରରେ ସେମାନଙ୍କ ଉତ୍ପାଦଗୁଡ଼ିକୁ ଆମେରିକୀୟ ଜଜ୍ୟାନୀଗୁଡ଼ିକ ତୁଳନାରେ ଶସ୍ତା ଏବଂ ଅଧିକ ପ୍ରତିଯୋଗିତାମୂଳକ କରିଥାଏ। ଏହି ଅଭିଯୋଗର ଏକ ମାସ ଧରି ତଦନ୍ତ ପରେ, ଆମେରିକା ସବପିଡିରୁ ଲାଭ ପାଉଥିବା ଦେଶଗୁଡ଼ିକ ଉପରେ ବିଦ୍ୟମାନ ଶୁଳ୍କ ବୃଦ୍ଧି କରିବାକୁ ବିଚାର କରୁଛି। ଚୀନ୍, ଭାରତ, ଜାପାନ, ଦକ୍ଷିଣ କୋରିଆ ଏବଂ ୟୁରୋପୀୟ ସଂଘ ଭଳି ପ୍ରମୁଖ ଅର୍ଥନୀତି ବିଷୟରେ ଆଲୋଚନା କରାଯାଉଛି।

ଟିଏମସି ଛାଡ଼ିବାକୁ କହିଥିଲେ ପ୍ରଣବ ମୁଖାର୍ଜୀ



ମୋଦିଙ୍କ ସହ ରହିବାକୁ ଦେଇଥିଲେ ପରାମର୍ଶ

ନୂଆଦିଲ୍ଲୀ,୨୫/୧୧:ଟିଏମସି ଛାଡ଼ି ବିଜେପିକୁ ଆସିବା ପଛରେ ଥିଲା କି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପରାମର୍ଶ ଏଭଳି ଏକ ବଡ଼ ଖୁଲାସା କରିଛନ୍ତି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ । ତାଙ୍କ କହିବା ଅନୁସାରେ, ଟିଏମସିରେ ଜର୍ମତାରା ଭଳି ରହିବ ନା ନିଜର ରାଜନୈତିକ ପରିଚୟ ଗଢ଼ିବ, ସେନେଇ ପ୍ରଣବ ମୁଖାର୍ଜୀ ତାଙ୍କୁ ପ୍ରଶ୍ନ କରିଥିଲେ । ଏପରିକି ନରେନ୍ଦ୍ର ମୋଦିଙ୍କ ସହ ରହି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିବା ସୁଭେନ୍ଦୁ କହିଛନ୍ତି । ଟିଏମସିରୁ ବିଜେପିକୁ ଜେଇଁବା ପଛର କାହାଣୀ କହିଛନ୍ତି ସୁଭେନ୍ଦୁ ଅଧିକାରୀ । କୋଲକାତାରେ ଆୟୋଜିତ ଏକ ଇକୋନୋମିକ୍ ଟାଇମ୍ସ କାର୍ଯ୍ୟକ୍ରମରେ ସେ ଏହି ଖୁଲାସା କରିଛନ୍ତି । ସୁଭେନ୍ଦୁ କହିଛନ୍ତି, ପ୍ରଣବ ମୁଖାର୍ଜୀ ରାଷ୍ଟ୍ରପତି ହେବା ପରେ ସେ ତାଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଥିଲେ । ସେତେବେଳେ ପ୍ରଣବ ମୁଖାର୍ଜୀ ତାଙ୍କୁ ରାଜନୈତିକ ଉଚ୍ଚବିଷୟ ନେଇ ଏକ ପରାମର୍ଶ ଦେଇଥିଲେ । ସୁଭେନ୍ଦୁଙ୍କ କହିବା ଅନୁସାରେ, ପ୍ରଣବ ମୁଖାର୍ଜୀ ତାଙ୍କୁ କହିଥିଲେ, ଯଦି ଟିଏମସିରେ ଢେଇଁବ ଜଣେ ଜର୍ମତାରା ଭଳି ରହିବାକୁ ଚାହୁଁଛ, ତେବେ ସେଠାରେ ରୁହ । କିନ୍ତୁ ନିଜ ଦମ୍‌ରେ ଆଗକୁ ବଢ଼ିବାକୁ ଚାହୁଁଥିଲେ ମୋଦିଙ୍କ ସହ ରୁହ । ସୁଭେନ୍ଦୁ ପ୍ରଣବ ମୁଖାର୍ଜୀଙ୍କୁ ନିଜର ମୂଳ ପରାମର୍ଶଦାତା ଏବଂ ଅଭିଭାବକ ବୋଲି ମଧ୍ୟ କହିଛନ୍ତି । ଟିଏମସିର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ସୁଭେନ୍ଦୁ ବଡ଼ ମନ୍ତବ୍ୟ ଦେଇଛନ୍ତି । ତାଙ୍କ କହିବା ଅନୁସାରେ, ପ୍ରଣବ ମୁଖାର୍ଜୀ ଟିଏମସିକୁ ଏକ ବ୍ୟକ୍ତିକେନ୍ଦ୍ରିକ ଦଳ ଭାବେ ବର୍ଣ୍ଣନା କରିଥିଲେ । ମମତା ବାନାର୍ଜୀ ଓ ତାଙ୍କ ପୁରୁଆ ଅଭିଷେକ ବାନାର୍ଜୀଙ୍କୁ ନେଇ ଦଳ ଏକ ଜଜ୍ୟାନି ଭଳି ଚାଲୁଥିବା କହିଥିବା ସୁଭେନ୍ଦୁ ବାବି କରିଛନ୍ତି ।

ଭୟଙ୍କର ଅଗ୍ନିକାଣ୍ଡ: ପାଉଁଶ ହେଲା ୫ ବସ୍

ଜଟଜ,୨୫/୧୧(ନି/ପ୍ର): ଗ୍ୟାରେଜରେ ଜଇଗଲା ବସ୍। ଜଟଜ ଅରୁଣୋଦୟ ନଗର ସ୍ଥିତ 'ଓଏସ୍‌ଏଲ୍ ଟାୱାର' ପାର୍କିଂରେ ୫ଟି ବସ୍ ପାର୍କିଂ ହୋଇ ରହିଥିବାବେଳେ ସେଠାରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଫଳରେ ହୁହୁହୁହୁ ହୋଇ ଜଳିଯାଇଛି ଗୋଟିଏ ପରେ ଗୋଟିଏ ବସ୍। ନିଆଁ ଲାଗି ୫ଟୁ ୬ଟି ବସ୍ ଜଳି ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି। ଖବର ପାଇ ଚାଇଜିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ୧ଟି ଗାଡ଼ି, ଅଭିନବ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର ୧ ଗାଡ଼ି ଏବଂ ଜଟଜ ଅଗ୍ନିଶମ କେନ୍ଦ୍ରର ୨ଟି ଗାଡ଼ି ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ।

ସାଉଦି ରାଜଧାନୀ ରିୟାଦରେ ହୁତିଙ୍କ ଆକ୍ରମଣ:

୨ ଭାରତୀୟଙ୍କ ସମେତ ୧୧ ଆହତ



ଚରିୟା.ଦ,୨୫/୧୧: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପୁଣି ଥରେ ବିପଜ୍ଜନକ ସ୍ତରରେ ପହଂଚିଛି । ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରବର ରାଜଧାନୀ ରିୟାଦର ମୁଖ୍ୟ ଆର୍ଥିକ କେନ୍ଦ୍ରରେ ଅବସ୍ଥିତ ଏକ ତାଖାରକୁ ଟାର୍ଗେଟ କରିଛନ୍ତି। ଏହି ଆକ୍ରମଣରେ ଦୁଇ ଜଣ ଭାରତୀୟ ଏବଂ ତିନି ଜଣ ନେପାଳୀ ନାଗରିକଙ୍କ ସମେତ ମୋଟ ୧୧ ଜଣ ଆହତ ହୋଇଛନ୍ତି। ଅନ୍ୟ ଆହତଙ୍କ ମଧ୍ୟରେ ଚାରି ଜଣ ମିଶରୀୟ ଏବଂ ଦୁଇଜଣ ସାଉଦି ନାଗରିକ ଅଛନ୍ତି। ଏହା ସହିତ ହୁତିମାନେ ୟେମେନରେ ସାଉଦି ଆରବର ଏକ ସାମରିକ ଘୋଟ୍ 'ଖ୍ରିଙ୍ଗ ଲୁଜ୍-୨'କୁ ଗୁଳି କରି ଖସାର ଦେଇଥିବା ମଧ୍ୟ ଦାବି କରିଛନ୍ତି। ଫଳରେ ଅଚଂଚଳରେ ଉତେଜନାକୁ ବୃଦ୍ଧି ପାଇଛି ।ସାଉଦି ଆରବର ନାଗରିକ ପ୍ରତିରକ୍ଷା ବିଭାଗ ଆକ୍ରମଣକୁ ନିନ୍ଦିତ କରିଛି ଏବଂ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛି। ବିଭାଗର ସୂଚନା ଅନୁଯାୟୀ,ଆକ୍ରମଣରେ ରିୟାଦର ଜିଙ୍କ ଅବଦୁଲ୍ଲା ଫାଇନାନ୍ସିଆଲ୍ ଜିଲ୍ଲାରେ ଅବସ୍ଥିତ ଏକ ବାଣିଜ୍ୟିକ ଜୋତାକୁ ଟାର୍ଗେଟ କରାଯାଇଥିଲା। ରିୟାଦରେ ହୋଇଥିବା ଆକ୍ରମଣରେ ଦୁଇଜଣ ଭାରତୀୟ ନାଗରିକ ଆହତ ହେବା ଖବର ପରେ ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବିବୃତି ଜାରି କରି କହିଛି, ରିୟାଦରେ ହୋଇଥିବା ଆକ୍ରମଣରେ ଦୁଇଜଣ ଭାରତୀୟ ନାଗରିକ ଆହତ ହେବା ସମ୍ପର୍କରେ ସୂଚନା ମିଳିଛି ଏବଂ ଦୂତାବାସ ଏ ସମ୍ପର୍କରେ ବିସ୍ତୃତ ସୂଚନା ସଂଗ୍ରହ କରୁଛି । ଆହତ ଭାରତୀୟ ନାଗରିକ ଏବଂ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଦୂତାବାସ ସ୍ପଷ୍ଟ କରିଛି। ଏହା ସହିତ, ଦୂତାବାସ ସାଉଦି ଆରବରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ ନିୟମ ଏବଂ ଆଇନକୁ ଅନୁସରଣ କରିବାକୁ ନିବେଦନ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଚିକିତ୍ସା ଓ ରୋଗୀ ସେବାକୁ ତଳସ୍ତର ଯାଏ ପହଂଚାଯାଉଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫/୧୧(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଚିକିତ୍ସା ଓ ରୋଗୀ ସେବାକୁ ତଳସ୍ତର ଯାଏ ପହଂଚାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ନଭେମ୍ବର ୯ ରେ ହୋମିଓପାଥି ଓ ଆୟୁର୍ବେଦିକ୍ ଚିକିତ୍ସାକୁ ଗୁରୁତ୍ୱ ଦେବା ଲାଗି ସ୍ୱତନ୍ତ୍ର ଭାବେ ଆୟୁଷ ମନ୍ତ୍ରାଳୟର ଘୋଷଣା କରିଥିଲେ। ଆମ ଲୋକଙ୍କ ସରକାର ବି ରାଜ୍ୟରେ ହୋମିଓପାଥି ଚିକିତ୍ସା ଉପରେ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ ଏବେ ୪ଟି ସରକାରୀ ହୋମିଓପାଥ୍ ମେଡିକାଲ୍ କଲେଜ ଏବଂ ହସପିଟାଲ ରହିଛି ଏବଂ ଏଥିରେ ୨୫୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହୋମିଓପାଥି ଚିକିତ୍ସାଳୟ ନିର୍ମାଣ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛୁ। ତେବେ ସେ ଏହା କହି ନାହାନ୍ତି ଯେ, କାର୍ଯ୍ୟକ୍ରମ ଜେତେ ବୁଡ ଅଗ୍ରଗତି କରିଛି ଜିୟା ଅସୁସୁବିଧ ଜେଉଁଠାରେ ବିକଶିତ ହେଉଛି। ଇରାନ ରାସାୟନିକ ଅସ୍ତ୍ର ବିକଶିତ କରିବାରେ ଲାଗିଛି, ଯାହା ଇସ୍ରାଏଲ ଏବଂ ଅଚଂଚଳର ଅନ୍ୟ ଦେଶମାନଙ୍କ ବିରୋଧରେ ଏକ 'ଗେମ୍-ଚେଞ୍ଜର' ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଇରାନ ଏକ ବିପଜ୍ଜନକ ଏବଂ ଅଣପାରମ୍ପରିକ ଅସ୍ତ୍ର ହାସଲ କରିବାକୁ ଚାହୁଁଛି। ଇସ୍ରାଏଲ ଏ ବିଷୟରେ ସ୍ପଷ୍ଟ ସୂଚନା ପାଇଛି ଏବଂ ଏନେଇ ଆମେରିକାକୁ ସୂଚନା ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମକୁ ବାଧା ଦେବା ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛୁ। ତେବେ ସେ ଏହା କହି ନାହାନ୍ତି ଯେ, କାର୍ଯ୍ୟକ୍ରମ କେତେ ବୁଡ ଅଗ୍ରଗତି କରିଛି କିମ୍ବା ଅସ୍ତ୍ରଗୁଡ଼ିକ କେଉଁଠାରେ ବିକଶିତ ହେଉଛି। ଇରାନ ରାସାୟନିକ ଅସ୍ତ୍ର ବିକଶିତ କରିବାରେ ଲାଗିଛି, ଯାହା ଇସ୍ରାଏଲ ଏବଂ ଅଚଂଚଳର ଅନ୍ୟ ଦେଶମାନଙ୍କ ବିରୋଧରେ ଏକ 'ଗେମ୍-ଚେଞ୍ଜର' ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଇରାନ ଏକ ବିପଜ୍ଜନକ ଏବଂ ଅଣପାରମ୍ପରିକ ଅସ୍ତ୍ର ହାସଲ କରିବାକୁ ଚାହୁଁଛି। ଇସ୍ରାଏଲ ଏ ବିଷୟରେ ସ୍ପଷ୍ଟ ସୂଚନା ପାଇଛି ଏବଂ ଏନେଇ ଆମେରିକାକୁ ସୂଚନା ପ୍ରଦାନ କରିଛି।

ଖାଲି ସେତିକି ନୁହେଁ ହୋମିଓପାଥ୍ ଚିକିତ୍ସା ଲୋକଙ୍କ ପାଖରେ ପହଂଚାଇବା ଲାଗି ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଆୟୁଷ ଡାକ୍ତରମାନଙ୍କର ଦେତନ ଢାଚାଂରେ ପରିବର୍ତ୍ତନ କରାଯାଇଛି। ଷ୍ଟାରପେଣ୍ଡ ବି ବୃଦ୍ଧି କରିଛନ୍ତି ଲୋକଙ୍କ ସରକାର। ପ୍ରତି ପଚାଂୟତରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ସରକାର ବି ହୋମିଓପାଥ୍ ଚିକିତ୍ସା କ୍ଷେତ୍ରରେ ବୈଜ୍ଞାନିକ ଅଧ୍ୟୟନ, ବୈଷୟିକ ଗବେଷଣା କୁପ୍ରୋତ୍ସାହିତ କରୁଛନ୍ତି। ଆଜି ଓଡ଼ିଶାର ଅଭିନବ ଚନ୍ଦ୍ର ହୋମିଓପାଥ୍ ମହାବିଦ୍ୟାଳୟ ବେଶରେ ଏକ ମର୍ଯ୍ୟାଦାକର ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହେଇଛି। ଏହାର ସମସ୍ତ ଅଭାବ ଅସୁବିଧା ପୂରଣ ବିଗରେ ସରକାର ପ୍ରତିଶ୍ରୁତିବଦ୍ଧ। ଅଭିନବ ଚନ୍ଦ୍ର ହୋମିଓପାଥ୍ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସଙ୍ଗିଜନୀରେ ଉଦବୋଧନ ଦେବାବେଳେ ଜଣା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଆହୁରି କହିଛନ୍ତି ଓଡ଼ିଶାର ନବରଙ୍ଗପୁରରେ ନୂତନ ମେଡିକାଲ୍ କଲେଜର ଭିତି ପ୍ରସ୍ତର ସ୍ଥାପିତ ହୋଇସାରିଛି । ଖୁବ୍ ଶୀଘ୍ର ଭଦ୍ରକ, ଢେଙ୍କାନାଳ ଓ ଜଗତ୍‌ସିଂହପୁରରେ ନୂତନ ମେଡିକାଲ୍ କଲେଜର ଭିତି ପ୍ରସ୍ତର ସ୍ଥାପନ କରାଯିବ । ଏହି ଜାତୀୟ ସଙ୍ଗିଜନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସ୍ୱାସ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିତଚିନ୍ତକ ଅଭିଯାନ



କେନ୍ଦୁଝର,୨୫/୧୧(ନି/ପ୍ର): କେନ୍ଦୁଝର ଜିଲା ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ରାମ ମନ୍ଦିର ପରିସରରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ହିତଚିନ୍ତକ ଅଭିଯାନର ଶୁଭାରମ୍ଭ କରାଯାଇଛି। ୧୯୬୪ ମସିହା ପବିତ୍ର ଜନ୍ମାଷ୍ଟମୀ ତିଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଦ୍ୱିତୀୟ ସରସଙ୍ଘଚାଳକ ପରମ ପୂଜନୀୟ ମାଧବ ସଦାଶିବ ଗୋଲୱାଲକର, ସ୍ୱାମୀ ଚିତ୍ପୁରାନନ୍ଦ, ଶିବଶଙ୍କର ଆପଟେ, ଜଷ୍ଟିସ୍ ବାଲାଲ ମାଣିକଲାଲ ମୁନସୀ, ରାଷ୍ଟ୍ରସନ୍ଥ ତୁକଡ଼ୋଜି ମହାରାଜ, ବି.ଡି. ଦେଶପାଣ୍ଡେ ଆଦି ମହାପୁରୁଷମାନଙ୍କ ମାନସ ମନ୍ଥନରୁ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ହୋଇଥିଲା । ଭାରତ ତଥା ବିଦେଶରେ ବସବାସ କରୁଥିବା ହିନ୍ଦୁମାନଙ୍କର ସାମାଜିକ ଓ ଧାର୍ମିକ ସମସ୍ୟାକୁ ନିରାକରଣ କରିବା ସହିତ ହିନ୍ଦୁସମାଜକୁ ସଙ୍ଗଠିତ କରି ହିନ୍ଦୁଧର୍ମକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦୀର୍ଘ ୬୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟ କରିଆସୁଛି । ଆକାଳ ବୃଦ୍ଧବନିତା ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ କ୍ଷେତ୍ରରେ ଏହି ସଙ୍ଗଠନ କାର୍ଯ୍ୟକରୁଛି । ଯୁବକମାନଙ୍କ ମଧ୍ୟରେ ରାଷ୍ଟ୍ର ଭକ୍ତି ନିର୍ମାଣ କରିବା ପାଇଁ ବଜରଙ୍ଗ ଦଳ, ଯୁବତୀମାନଙ୍କୁ ସଙ୍ଗଠିତ କରିବା ପାଇଁ ଦୁର୍ଗାବାହିନୀ, ମହିଳାମାନଙ୍କ ମଧ୍ୟରେ ଜାଗରଣ ଆଣିବା ପାଇଁ ମାତୃଶକ୍ତି, ସମାଜରେ ସଂସ୍କାର ନିର୍ମାଣ କରିବା ପାଇଁ ସାପ୍ତାହିକ ସତ୍ସଙ୍ଗ, ହିନ୍ଦୁ ସମାଜର ଆଗାମୀ ପିଢ଼ି ଚୁନି ଚୁନି ପିଲାମାନଙ୍କ ମଧ୍ୟରେ ସଂସ୍କାର ବୃଦ୍ଧ କରିବା ପାଇଁ ବାଲ ସଂସ୍କାର କେନ୍ଦ୍ର, ପ୍ରତିଭା ବିକାଶ କେନ୍ଦ୍ର, ନୈତିକ ଶିକ୍ଷା, ରାମାୟଣ ପରୀକ୍ଷା, ସଂସ୍କୃତିଜ୍ଞାନ ପରୀକ୍ଷା, ଗୋ-ବିଜ୍ଞାନ ପରୀକ୍ଷା ମାଧ୍ୟମରେ ପ୍ରୟାସ କରାଯାଉଛି । ଖାଲି ସେତିକି ନୁହେଁ ବିଧର୍ମୀମାନଙ୍କଦ୍ୱାରା ପ୍ରଲୋଭିତ ହୋଇ ଧର୍ମ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କୁ ପୁନଃ ସମ୍ପର୍କ କରି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରୟାସ କରାଯିବା ସହ ମଠ, ମନ୍ଦିର ଓ ଧର୍ମାଚାର୍ଯ୍ୟ, ଅର୍ଚ୍ଚକ ପୁରୋହିତମାନଙ୍କୁ ସମ୍ପର୍କ କରି ଧର୍ମ ଜାଗରଣ କାର୍ଯ୍ୟ କରାଯାଉଛି । ଗାଈ ହେଉଛି ବିଶ୍ୱର ରକ୍ଷକ ବା ଜନନୀ । ଭାରତ ଭଳି କୃଷି ପ୍ରଧାନ ଦେଶରେ ଗୋ ରକ୍ଷା ସହିତ ଗୋ ଆଧାରିତ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ପରିଷଦଦ୍ୱାରା ପ୍ରୟାସ କରାଯାଉଛି । ବିଶ୍ୱ ହିନ୍ଦୁ ପରିଷଦଦ୍ୱାରା ଗରିବ ଅବହେଳିତ ବ୍ୟକ୍ତି ବିଶେଷଙ୍କ ନିଃସ୍ୱାର୍ଥ ସେବା କରିବା ପାଇଁ ଆଠ ହଜାରରୁ ଊର୍ଦ୍ଧ୍ୱ ସେବା ପ୍ରକଳ୍ପ ଓ ୫୦ ହଜାରରୁ ଊର୍ଦ୍ଧ୍ୱ ସେବା କାର୍ଯ୍ୟର ସଂଚାଳନ ସାରା ଦେଶରେ କରାଯାଉଛି । ପରିଷଦ ଦ୍ୱାରା ହିନ୍ଦୁ ସମାଜର ହିତ ପାଇଁ ଅନେକ ପ୍ରଚାରର ଆୟୋଜନ କରି ରାମସେତୁ ଭଳି ଅନେକ ଧରୋହରର ରକ୍ଷା କରାଯାଇଛି । ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀଙ୍କ ଆହ୍ୱାନକୁ ଭ୍ରୂକ୍ଷେପ ନ କରି ଅମରନାଥ ଓ ଦୁର୍ଗା ଅମରନାଥ ଯାତ୍ରା ପୁନଃ ପ୍ରାରମ୍ଭ କରାଯାଇଛି । ପ୍ରତ୍ୟେକ ଚାରି ବର୍ଷରେ ଥରେ ବ୍ୟାପକ ଜନସମ୍ପର୍କ ହେତୁ ପରିଷଦ ଦ୍ୱାରା 'ହିତଚିନ୍ତକ ଅଭିଯାନ କରା ଯାଉଛି । ପରିଷଦର ଏହି ପବିତ୍ର କାର୍ଯ୍ୟରେ ତନ-ମନ-ଧନ ଅର୍ପଣ ପୂର୍ବକ ସମସ୍ତ ହିନ୍ଦୁ ସହଭାଗୀ ହୋଇ କାର୍ଯ୍ୟ କରିବା ପାଇଁ କେନ୍ଦୁଝର ଜିଲା ବିଶ୍ୱହିନ୍ଦୁ ପରିଷଦ ସଭାପତି ତୁଷାର ସାମନ୍ତ ଓ ସମ୍ପାଦକ ଦେବାରନାଥ ବାଣ ଆହ୍ୱାନ ଦେଇଛନ୍ତି ।

ସଚେତନ ମତଦାତା ଗଠନ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ସମ୍ପନ୍ନ

କେନ୍ଦୁଝର,୨୫/୧୧(ନି/ପ୍ର):ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ବୃଦ୍ଧି କରି ସଚେତନ ଓ ଦାୟିତ୍ୱବାନ ମତଦାତା ଗଠନ ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ସମ୍ପନ୍ନ ହୋଇଯାଇଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଗଠିତ ଇଲେକ୍‌ଟୋରାଲ ଲିଟିରେସି କ୍ଲବ ମାଧ୍ୟମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ-ଚେଲକୋଇ, କେନ୍ଦୁଝର,ପଟିପୁରା, ଆନନ୍ଦପୁର, ପାଟଣା ଓ ଚମ୍ପୁଆର ମୋଟ ୧୯୨ଟି ଶିକ୍ଷାନୁଷ୍ଠାନରେ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ନିବନ୍ଧ ପ୍ରତିଯୋଗିତାରେ ୩,୧୩୭ ଜଣ ଏବଂ କୁଇଜ୍ ପ୍ରତିଯୋଗିତାରେ ୪,୨୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଧାନସଭାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ସ୍ତରରେ ନିବନ୍ଧ ପ୍ରତିଯୋଗିତାରେ ୩୫୧ ଜଣ ଏବଂ କୁଇଜ୍ ପ୍ରତିଯୋଗିତାରେ ୩୭୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିବନ୍ଧ ଓ କୁଇଜ୍ ବିଭାଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏଁ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନିବନ୍ଧ ଓ କୁଇଜ୍ ବିଭାଗରେ ୬୦ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ଫଳାଫଳ ଆଧାରରେ ଉଭୟ ବିଭାଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏଁ ବିଜେତା ଚୟନ କରାଯାଇଥିଲା । ଏହି ପ୍ରତିଯୋଗିତାଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିର୍ବାଚନୀ ପ୍ରକ୍ରିୟା, ମତଦାନର ଗୁରୁତ୍ୱ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିଲା । ଏହା ସେମାନଙ୍କ ମଧ୍ୟରେ ନିର୍ବାଚନ ସଚେତନତା ବୃଦ୍ଧି ସହ ଭବିଷ୍ୟତରେ ସକ୍ରିୟ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ଉଠିବାରେ ସହାୟକ ହେବ ।

ଭାରତୀୟ ଜୀବନବୀମା ଅଭିକର୍ତା ସଂଘର ବାର୍ଷିକ ଉତ୍ସବ



କେନ୍ଦୁଝର,୨୫/୧୧(ନି/ପ୍ର): ମହାସଂଘର ପୂର୍ବାଂଚଳ ଡିଭିଜନର ସଭାପତି ଶୈଳେଶ କୁମାର ବେହୁରିଆ ବହୁ ତଥ୍ୟ ପ୍ରଦାନ କରିଥିଲେ । ଭାରତୀୟ ଜୀବନବୀମା ଶାଖା କାର୍ଯ୍ୟାଳୟ ବର୍ତ୍ତମାନ ଶାଖା ପରିଚାଳକ ଶକ୍ତି ପ୍ରସାଦ ମିଶ୍ର ଉପସ୍ଥିତ ରହି ଏଜେଂସୀମାନଙ୍କୁ ଉତ୍ସାହିତ କରିବା ସହିତ ଜୀବନବୀମା ସଂପର୍କରେ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଏଥି ସହିତ ସି.ଏଲ.ଆଇ.ଏ. ଏବଂ ଏଲ.ଆଇ.ସି. କାର୍ଯ୍ୟାଳୟର ଶାଖା ପରିଚାଳକ ଅନିଲ କୁମାର ମହାପାତ୍ର, ଜୋନାଲ ଲାଇଫ୍‌ଲିଙ୍କର ପୂର୍ବାଂଚଳ ଉପାଧ୍ୟକ୍ଷ କପିଳେନ୍ଦ୍ର ଦଥ ଏବଂ ଡିଭିଜନାଲ ଲାଇଫ୍‌ଲିଙ୍କ ର ସମ୍ପାଦକ ଗୁରୁନାରାୟଣ ଦାସ ଏଲ.ଆଇ.ସି. ଷ୍ଟାଫ ୟୁନିୟନ ର ସଭାପତି ଏବଂ ସମ୍ପାଦକ ସଂପ୍ରତି ବିଷୟରେ ବିସ୍ତୃତ ଉପଦେଶ ପ୍ରଦାନ କରିଥିଲେ ଏଜଆଇସି . କେନ୍ଦୁଝର ଶାଖା ର ସମ୍ପାଦକ ବସନ୍ତ କୁମାର ପତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ତଥା କୋଷାଧ୍ୟକ୍ଷ ପଞ୍ଚୟ କୁମାର ଦେବ ଆୟ ବ୍ୟୟ ର ହିସାବ ପ୍ରଦାନ କରିଥିଲେ । ଶ୍ୟାମା ସୁନ୍ଦର ପଣ୍ଡା ଏବଂ ବିଶ୍ୱଜିତ ସେଠୀ ସଭା ପରିଚାଳନା କରିଥିଲେ । ପରିଶେଷରେ ବିଶ୍ୱଜିତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଚତୁର୍ଥ ବାର୍ଷିକ ସମାରୋହ ଓ ପ୍ରଦ୍ୟୁମ୍ନ ବଳଙ୍କ ୯୪ ତମ ଜୟନ୍ତୀ ପାଳିତ

ଭଦ୍ରକ,୨୫/୧୧(ନି/ପ୍ର): ସମାଜକୁ ଦୁର୍ନୀତିମୁକ୍ତ କରିବା ପାଇଁ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳ ସର୍ବଦା ଚିନ୍ତା କରୁଥିଲେ ଏବଂ ନିଜ ନୀତି ଓ ଆଦର୍ଶରେ ସେ କେବେ ସାଲିସ କରୁନଥିଲେ। ସ୍ଥାନୀୟ ଅବଦୁଲ ଜଲାମ ପାଠାଗାର ପରିସରରେ ରବିବାର ଦିନ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଚତୁର୍ଥ ବାର୍ଷିକ ସମାରୋହ ତଥା ବିଶିଷ୍ଟ ଜନନେତା ଓ ଦୈନିକ 'ପ୍ରଗତିବାଦୀ'ର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୪ ତମ ଜୟନ୍ତୀ ସମାରୋହ ଅବସରରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ପରିଷଦର ସଭାପତି ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଓ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ତୁନା ବାରା ବିଶ୍ୱାଳ, ଧାମନଗର ଏନଏସି ଅଧକ୍ଷା ନିବେଦିତା ଜେନା, ଧାମନଗର ଥାନାର ଏସ୍‌ଆଇ ନାରାୟଣ ଚନ୍ଦ୍ର ନାୟକ ଏବଂ ଧାମନଗର ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚିତାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଦ୍ୟୁମ୍ନ ବଳଙ୍କ ନିରପେକ୍ଷ ସାମ୍ବାଦିକତା ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ଆଜିର ସମାଜ ଓ ସାମ୍ବାଦିକମାନେ ତାଙ୍କ ପଥ ଅନୁସରଣ କରିବା ଉଚିତ ବୋଲି କହିଥିଲେ।ଏହି ଅବସରରେ ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ କୁମାର ବାରିକ, ହୁତାନନ୍ଦ ଜର, ସଂଘୟ କୁମାର ମିଶ୍ର, ଭୋଳାନାଥ ସାହୁ, ଅଭିମନ୍ୟୁ ମଲିକ, ମାନସ ସାହୁ, ସୁଶାନ୍ତ ରାଉତ, ଏମ୍.ଡି. ହବିବୁର ରହେମାନ, ମହେଶ୍ୱର ସ୍ୱାଇଁ ଏବଂ ନୃସିଂହ ଚରଣ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସ୍ୱର୍ଗତ ବଳଙ୍କ ସୃତିଚାରଣ କରିଥିଲେ। ଜାର୍ଯ୍ୟକ୍ରମରେ ଅଧ୍ୟାପକ ତିତରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆନନ୍ଦପୁର ବ୍ଲକ ଏବିଇଓ ହେମେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପରିଷଦ ପକ୍ଷରୁ ବଳଙ୍କଠେଟ ଉପାଧ୍ୟ ପ୍ରାପ୍ତି ସମାଜ ସେବୀ ଡ. ଶେଖ ଅବଦୁଲ ହାକିମି (ଗୋରା)ଙ୍କୁ ସମ୍ମାନଜନକ 'ସଦ୍‌ଭାବନା ଗୌରବ' ଉପାଧିରେ ସମ୍ମାନିତ କରାଯାଇଥିଲା। ଏହା ସହ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁଧାକର ବାଣ, ସରୋଜ ସେଠୀ, ଜିଲାନି ଭାଇ, ସଂଜୀବ ମହାନ୍ତି, ବିଶ୍ୱଜିତ ପଲାଇ, ଅର୍ଚ୍ଚିତ ରାଉତ, ଜୈଜାସ ଗୁପ୍ତା, ଫିରୋଜ ଶାହା, ଇସ୍ପିତା ହୋତା ଏବଂ ଅର୍ଚ୍ଚିତ ରାୟ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ଶେଷରେ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

ଭଦ୍ରକ, ୨୫/୧୧(ନି/ପ୍ର):ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ୪୩ ତମ ବାର୍ଷିକ ଉତ୍ସବ ଓ ଡ଼ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ରାଣୀତାଲ ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ପରିଷଦର ସଭାପତି ବିମ୍ବାଧର ବେହେରାଙ୍କ ସଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ଭାଗିରଥି ନାୟକଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ଆୟୋଜିତ ଏହି ବାର୍ଷିକ ଉତ୍ସବର ପ୍ରାରମ୍ଭରେ ସୁଶାନ୍ତ କୁମାର ମିଶ୍ର, ମନୋରମା ରାୟ ଓ ମହେଶ୍ୱର ନାୟକଙ୍କ ସଂଯୋଜନା ରେ ଆୟୋଜିତ ବିଭିନ୍ନ ଅଂଚଳରୁ ଆସିଥିବା କବି, କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ପରେ କବି ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭ୍ୟ ଭଦ୍ର ଚନ୍ଦ୍ର ବାଣ ସଭାତିକୁ ଆନୁଷ୍ଠନିକ ଭାବେ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଭାବେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ବିଷ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ, ହରିହର ପାଣିଗ୍ରାହୀ ଯୋଗ ଦେଇ ଡ଼ ହରେକୃଷ୍ଣ ମହତାବଙ୍କ ଜୀବନ ଦର୍ଶନ ବିଷୟରେ ନିଜର ମତ ରଖିଥିଲେ । ଏହି ଅବସରରେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସୁଖପତ୍ର 'ରାଣୀପ୍ରଭା'ର ଲୋକାର୍ପଣ କରାଯାଇଥିଲା । ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ସେନାପତି ପୁସ୍ତକ ସମୀକ୍ଷା କରିଥିଲେ। ସମ୍ପାଦକ ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଡାକ୍ତର ଅନିଲ କୁମାର ବାଶୁକୁ ଜାତ୍ୟ ଭାରତୀ ଲକ୍ଷ୍ମୀଧର ମିଶ୍ର ସମ୍ମାନ, ଯୋଗୀ ବିନୋଦ ବିହାରୀ ବାରିକଙ୍କୁ ସମାଜସେବୀ ଙ୍କର୍ଷଣ ବାଶ ସମ୍ମାନ, ଶିକ୍ଷୟିତ୍ରୀ ମନୋରମା ରାୟଙ୍କୁ ବାମାବର ଚୌଧୁରୀ କୃତି ଶିକ୍ଷକ ସମ୍ମାନ, କଳାକାର ସଞ୍ଜୟ ମାଝୀଙ୍କୁ କବି ନୀଳମଣି ନାୟକ ସୃତି ସମ୍ମାନ, ଡାକ୍ତର ଛାତ୍ର ମିନୁୟ ସାହୁଙ୍କୁ କରୋନା ଯୋଦ୍ଧା ଡ଼ ଜନହରି ବେହେରା ରାଣୀତାଲ ସୌରଭ ସମ୍ମାନ, ବଙ୍ଗମ ଶ୍ରେଣୀ ବ୍ଲକ ତପର ପାର୍ଥ ପ୍ରତିମ ବାରିକଙ୍କୁ ପୂର୍ଣଚନ୍ଦ୍ର ମେଧା ସମ୍ମାନ ଓ ସୁଶ୍ରୀ ପ୍ରତିଶୃତି ବେହେରାଙ୍କୁ ଯାଧାଶୀମାମ ମହାନ୍ତି ସୃତି ସମ୍ମାନ ପ୍ରଦାନ କରାଯାଇଥିଲା ।

ଦୁଇବୁନ୍ଦା ପ୍ରତିଥର, ପୋଲିଓ ଉପରେ ବିଜୟ ନିରନ୍ତର



କେନ୍ଦୁଝର,୨୫/୧୧(ନି/ପ୍ର): ଜିଲ୍ଲା ସଦରମହକୁମା ଡାକ୍ତରଖାନା ଶିଶୁ ଓ ମହିଳା ବିଭାଗ ରେ ଜିଲ୍ଲା ସ୍ତରୀୟ ପୋଲିଓ ବୁନ୍ଦା ଖୁଆଇବା ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ତର ଧନେଶ୍ୱର ସେଠୀ ଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହେବାପରେ ଜିଲ୍ଲାର ୧୮ ଟି ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ୧୭୬୬୫ ଜଣ ୦ ରୁ ୫ ବର୍ଷ ଶିଶୁ ଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ମିଶନ ଚାଲିଛି ,୮୬୦ ଟି ବୁଥ ରେ ୧୭୨୦ ଟି ଟିମ ୧ ଟି ଟ୍ରାଞ୍ଜିଟ ଟିମ ୨ ଟ୍ରାଞ୍ଜିଟ ଟିମ ମେୟର ୨୪ ଟି ମୋବାଇଲ ଟିମରେ ୪୮ ଟିମ ମେୟର ୧୬୮ ସୁପରଭାଇଜର ୩୪୪୦ ଭେକସିନେଟର ଙ୍କ ପ୍ରତ୍ୟକ୍ଷ ତତ୍ତାବଧାନ ରେ ଏହି ମିଶନ ସଫଳତା ଦିଗକୁ ଆଗେଇ ଚାଲିଛି , ଉଦ୍ଘାଟନୀ ସମାରୋହ ରେ ଡିପିଏଚଓ ଡକ୍ତର ପୁରୁଷୋତମ ମହାନ୍ତ ,ଡିପିଏଚଓ ଡକ୍ତର ପୁଷ୍ପଳତା ,ଡକ୍ତର ବସନ୍ତ ପାତ୍ର ,ରୋଟାରିଆନ ଡକ୍ତର ସଂଜୀବ ଓଝା, ଜିଲ୍ଲା ରେଡକ୍ରସ ସୁସ୍ମ ସମ୍ପାଦକ ଏ ଆର ଖାନ ,ଡିପିଏମ ନିତ୍ୟରଞ୍ଜନ ବରାଳ ,ଡିପିଏଚସିଓ ଭାରତ ସାହୁ ,ଆଇସି ଏ ତିତରଞ୍ଜନ ଜେନା,ଏଲଏଚଭି ତୁହୁନି ମହାପାତ୍ର ଉପସ୍ଥିତ ଥିଲେ ,ବୁଥ ଓ ଉପଖଣ୍ଡ ସ୍ତରରେ ଡାକ୍ତର ମାନେ ଉପସ୍ଥିତ ରହି ସୁରୁଖୁରୁରେ ଦାଇତ୍ୱ ସମ୍ପାଦନ କରିଥିଲେ ।

ବନ୍ୟା, ବାତ୍ୟା ପ୍ରପୀଡ଼ିତଙ୍କୁ କମ୍ବଳ ବଣ୍ଟନ

ଖୋର୍ଦ୍ଧା,୨୫/୧୧(ନି/ପ୍ର): ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ତଥା ନିଜସ୍ୱରେ ହେଇଥିବା ବନ୍ୟା ଓ ବାତ୍ୟା ପ୍ରପୀଡ଼ିତଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଗଜପତି ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ ଜ୍ୟାଡଜ ପଦ୍ମିନୀ ପ୍ରସିଜ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସଦସ୍ୟା ମମତା ଦେବୀଙ୍କ ନେତୃତ୍ୱରେ ଆଜ୍ଞାର ଋଷିକୁଲ୍ୟା ନଦୀକୂଳରେ

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସେବାକୁ ପୂରିଲା ୮ ବର୍ଷ



ଅନୁଗୋଳ,୨୫/୧୧(ନି/ପ୍ର): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ହୃଦ୍‌ରୋଗ ବିଶେଷଜ୍ଞ ସେବାକୁ ସଫଳତାର ସହ ୮ ବର୍ଷ ପୂରଣ ହୋଇଛି । ଗ୍ରାମାଂଚଳର ସାଧାରଣ ଲୋକଙ୍କୁ ନିଜ ଜିଲ୍ଲାରେ ଉନ୍ନତ ହୃଦ୍‌ରୋଗ ଚିକିତ୍ସା ସେବା ଯୋଗାଇବାକୁ ଲକ୍ଷ୍ୟ ନେଇ ୨୦୧୮ ମସିହା ଡିସେମ୍ବର ମାସରେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ଋଷିକାନ୍ତ ମହାନ୍ତଙ୍କ ସ୍ୱେଚ୍ଛାକୃତ ଉଦ୍ୟମରେ ଏହି ସୁପର ସ୍ପେଶାଲିଟି ସେବାର ଶୁଭାରମ୍ଭ ହୋଇଥିଲା । ବାର

ବିବିଧା

ଆଜିର ରାଶି ଫଳ

ମେଷ: ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଚ୍ଛିନ୍ନିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆତ୍ମବଶରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

ମିଥୁନ: ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କର୍କଟ: ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

ସିଂହ: ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେୟର୍ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

କନ୍ୟା: ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭଦାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

ବିଛା: ବାଦବିବାଦରୁ ଦୂରେଇ ରହିବେ। ତଡତଡରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରଯାତ୍ରାକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

ଧନୁ: କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

ମକର: ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିମ୍ନସ୍ତି ସୁଯୋଗ ମିଳିବ।

କୁମ୍ଭ: ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

ମୀନ: ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

ଆଜିର ଇତିହାସ

- ୧୯୬୦- ଭାରତରେ ପ୍ରଥମେ କାନପୁର ଓ ଲଖ୍ନୌ ମଧ୍ୟରେ ଏକ୍ସଟ୍ରିଡ୍ ସେବା ଆରମ୍ଭ ହେଲା।
- ୧୯୬୫- ଫ୍ୟାନ୍ଟମ ପ୍ରଥମ ସାଟେଲାଇଟ୍ ଲାଇଟ୍ କଲା।
- ୧୯୭୫- ସୁରାମନ୍ୟମ ନେବରଲ୍ୟାଣ୍ଡଠାରୁ ସ୍ୱାଧୀନ ହେଲା।
- ୨୦୦୧- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ପାଞ୍ଚଦିନିଆ ଯାତ୍ରାରେ ଭାରତ ପହଞ୍ଚିଲେ।
- ୨୦୧୪- ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ପିଟାରା ଦେବୀଙ୍କ ପରଲୋକ।

ଏପ୍ରିଲ୍‌ରୁ ସଲମାନ୍‌ଙ୍କ ସୁପର୍ ହିରୋ ଫିଲ୍ମର ସୁଟିଂ



ବିଜେନ୍ଦର ଦବଙ୍ଗ ଷ୍ଟାର ସଲମାନ୍ ଖାନ୍‌ଙ୍କୁ ଦର୍ଶକ ଖୁବ୍‌ଶୀଘ୍ର ଏକ ସମ୍ପୂର୍ଣ୍ଣ ନୂଆ ଏବଂ ରୋମାଞ୍ଚକର ଅବତାରରେ ଦେଖିବାକୁ ପାଇବେ। ପ୍ରସିଦ୍ଧ ନିର୍ଦ୍ଦେଶକ ଯୋଡ଼ି ରାଜ୍ ନିଦିମୋରୁ ଏବଂ କୃଷ୍ଣା ଡିକେଙ୍କ ସହ ସଲମାନ୍ ପ୍ରଥମ ଥର ପାଇଁ ଏକ ସୁପର୍ ହିରୋ ଫିଲ୍ମରେ କାମ କରିବାକୁ ଯାଉଛନ୍ତି। ତେବେ ଏହି ଫିଲ୍ମଟି ଏପ୍ରିଲ୍‌ରେ ପଡ଼ିବାକୁ ଆସିବ ନାହିଁ, ବରଂ ଆସନ୍ତା ୨୦୨୬ ଏପ୍ରିଲ୍ ମାସରୁ ଏହାର ସୁଟିଂ ଆରମ୍ଭ ହେବ। 'ଦ ଫ୍ୟାମିଲି ମ୍ୟାନ୍' ଏବଂ 'ଫର୍ଜି' ଜରି ସୁପରହିଟ୍ ୱେବ୍ ସିରିଜ୍ ଦେଇ ଦର୍ଶକଙ୍କ ମନ ଜିଣିଥିବା ରାଜ୍ ଓ ଡିକେ, ସଲମାନ୍‌ଙ୍କୁ ନେଇ ଏକ ନିଆରା ଜାହାଣୀ ପ୍ରସ୍ତୁତ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମରେ ସଲମାନ୍ ଜଣେ ଅବସର ନେବାକୁ ଚାହୁଁଥିବା ସୁପର୍ ହିରୋ ଭୂମିକାରେ ଅଭିନୟ କରିବେ। ଦୁନିଆକୁ ରକ୍ଷା କରିବା କାମରୁ ବିଶ୍ରାମ ନେବାକୁ ଚାହୁଁଥିବାବେଳେ, ସେ ହଠାତ୍ ଏପରି ଏକ ବଡ଼ ବିପଦ ଓ ସମସ୍ୟାରେ ଫସି ଯାଆନ୍ତି, ଯେଉଁଥିରୁ ମୁକୁଳିବା ପାଇଁ ତାଙ୍କୁ ବାଧ୍ୟ ହୋଇ ପୁଣିଥରେ ନିଜର ସୁପର୍ ପାୱାରୁ ବ୍ୟବହାର କରି ମାଇଦାନକୁ ଓହ୍ଲାଇବାକୁ ପଡ଼ୁଛି। ଏହି ଫିଲ୍ମରେ ଦମ୍‌ଦାର ଆକ୍ସନ୍ ସହ ଭରପୂର କମେଡିର ତଡ଼କା ଦେଖିବାକୁ ମିଳିବ। ପୂର୍ବରୁ ଏହି ଫିଲ୍ମର ସୁଟିଂ ୨୦୨୬ ଜାନୁଆରୀ ମାସରେ ଆରମ୍ଭ ହେବାର ଯୋଜନା ଥିଲା। ସଲମାନ୍‌ଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁଁ ଏହାକୁ ଏପ୍ରିଲ୍ ମାସକୁ ଘୁଞ୍ଚାଇ ଦିଆଯାଇଛି। ବର୍ତ୍ତମାନ ସଲମାନ୍ ଡାଇରେ ଆଗାମୀ ଖାର୍ ଡ୍ରାମା ଫିଲ୍ମ 'ମାତୃଭୂମି' ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। ଏହା ଆସନ୍ତା ଡିସେମ୍ବର ୪ ତାରିଖରେ ରିଲିଜ୍ ହେବ। ଏହାପରେ ସେ ବକ୍ସିର ରାଉତରାୟ ନିର୍ଦ୍ଦେଶକ ଲାମଣୀ ପୈଦିପଲ୍ଲୀଙ୍କ ଆକ୍ସନ୍ ଫିଲ୍ମ 'ମନଷ୍ଟର'ର ବାକିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଆକ୍ସନ୍ ଦୃଶ୍ୟର ସୁଟିଂ ୨୦୨୬ ଜାନୁଆରୀଗାରେ ଶେଷ କରିବେ। ଏହି ଫିଲ୍ମରେ ସଲମାନ୍‌ଙ୍କ ସହ ବକ୍ସିରା ଅଭିନେତ୍ରୀ ନୟନତାରା ନଜର ଆସିବେ ଏବଂ ଏହା ୨୦୨୭ ଇଦ୍ ଅବସରରେ ରିଲିଜ୍ ହେବ। 'ମନଷ୍ଟର'ର କାମ ପରିବା ପରେ ସଲମାନ୍ ଏପ୍ରିଲ୍ ମାସରୁ ସମ୍ପୂର୍ଣ୍ଣ ଭାବେ ରାଜ୍ ଓ ଡିକେଙ୍କ ଏହି ସୁପର୍ ହିରୋ ଫିଲ୍ମ ପାଇଁ ସମୟ ଦେବେ। ଫିଲ୍ମର ସ୍କ୍ରିପ୍ଟ କାମ ଶେଷ ପର୍ଯ୍ୟାୟରେ ଥିବାବେଳେ ଏହାର ଟାଇଟଲ୍ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମିଥ୍ରୀ ମୁଭି ମୋକର୍ସ ଏବଂ ରିଲ୍ ଲାଇଫ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରଯୋଜିତ ଏହି ବିଗ୍-ବଜେଟ୍ ଫିଲ୍ମଟି ୨୦୨୭ ଶେଷ ଆଡ଼କୁ କିମ୍ବା ୨୦୨୮ରେ ପ୍ରେକ୍ଷାଳୟକୁ ଆସିବାର ସମ୍ଭାବନା ରହିଛି। ସଲମାନ୍‌ଙ୍କ ଷ୍ଟାରଡମ୍ ଏବଂ ରାଜ୍-ଡିକେଙ୍କ ନିଆରା ନିର୍ଦ୍ଦେଶନା ବଳ ଅପିସ୍‌ରେ ନିଶ୍ଚିତ ଭାବେ ଏକ ବଡ଼ ଧମାକା କରିବ ବୋଲି ସିନେପ୍ରେମୀମାନେ ଆଶା ରଖିଛନ୍ତି।

ଚାନ୍ଦରେ ନୂଆ ଟ୍ରେଣ୍ଡ 'ହୋମ୍ ସ୍ୱାପିଂ'

ନୂଆ ନୂଆ ସ୍ଥାନ ବୁଲିବାକୁ ଜାହାକୁ ବା ଭଲ ନ ଲାଗେ। ହେଲେ ଯାତ୍ରା ସମୟରେ ସବୁଠାରୁ ବଡ଼ ଚିନ୍ତା ପାଲଟିଥାଏ ହୋଟେଲ ଭଡ଼ା। ଏହି ସମସ୍ୟାର ଏକ ନିଆରା ସମାଧାନର ରାସ୍ତା ବାହାର କରିଛନ୍ତି ଚାନ୍‌ଦାସୀ। ସୋଠାରେ ଏବେ 'ହୋମ୍ ସ୍ୱାପିଂ' ବା ଘର ଅଦଳବଦଳ କରି ଛୁଟି କଟାଇବାର ଏକ ନୂଆ ଧାରା ଦ୍ରୁତ ଗତିରେ ଲୋକପ୍ରିୟ ହେବାରେ ଲାଗିଛି। ବିନା କୌଣସି ହୋଟେଲ ଖର୍ଚ୍ଚରେ ଦେଶର ବିଭିନ୍ନ ଲୋକଙ୍କ ଅନୁଭୋଗ ବୁଝିବା ପାଇଁ ଏହା ଏକ ସହଜ ମାଧ୍ୟମ ପାଲଟିଛି। ଏହି ବ୍ୟବସ୍ଥାରେ ଦୁଇଟି ଭିନ୍ନ ସହରର ଲୋକ ପରସ୍ପରର ଘର ଅଦଳବଦଳ କରି ରୁହନ୍ତି। ବେଙ୍ଗିର ଜଣେ ବ୍ୟକ୍ତି ସାଂଘାଇ ବୁଝିବାକୁ ଚାହୁଁଥିଲେ, ସେ ସେଠାକାର ଜଣେ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରନ୍ତି ଯିଏ ତାଙ୍କ ଅଞ୍ଚଳକୁ ଆସିବାକୁ ଚାହୁଁଥିବେ। ଏହାପରେ ଉଭୟ ନିର୍ଦ୍ଦିଷ୍ଟ କିଛି ଦିନ ପାଇଁ ପରସ୍ପରର ଘରେ ବିନା ଭଡ଼ାରେ ରୁହନ୍ତି। ୨୦୨୪ ମସିହାରେ ସୁରୁପିଙ୍କି ମଧ୍ୟରେ ଆରମ୍ଭ ହୋଇଥିବା ଏହି ଧାରାରେ ଏବେ ଅସରପ୍ରାପ୍ତ ବୟସ୍କ, ଏବଂ ମଧ୍ୟବୟସ୍କ ବ୍ୟକ୍ତିମାନେ ମଧ୍ୟ ସାମିଲ ହେଉଛନ୍ତି। ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ଏବଂ ଖାଲି ଘର ଥିବାରୁ ସେମାନେ ଏହାକୁ ଦେଖି ପସନ୍ଦ କରୁଛନ୍ତି। ସୋସିଆଲ ମିଡିଆ ଏବଂ ବିଭିନ୍ନ ଅନଲାଇନ୍ ଗ୍ରୁପ୍ ମାଧ୍ୟମରେ ଲୋକେ ପରସ୍ପର ସହ ଯୋଡ଼ି ହେଉଛନ୍ତି। ହୋଟେଲ ବଦଳରେ ଘରେ ରହିବା ଦ୍ୱାରା ଲୋକେ ନିଜେ ରୋଷେଇ କରିବା ଏବଂ ଲୁଗା ସଫା କରିବା ଭଳି ସୁବିଧା ପାଉଛନ୍ତି। ଏହା ସହିତ ସ୍ଥାନୀୟ ସଂସ୍କୃତିକୁ ନିକଟରୁ ଜାଣିବା ଏବଂ ନୂଆ ବନ୍ଧୁ ତିଆରି କରିବାରେ ଏହା ସହାୟକ ହେଉଛି। ଅବଶ୍ୟ କୌଣସି ଅଜଣା ବ୍ୟକ୍ତିଙ୍କୁ ନିଜ ଘର ଦେବା ସହଜ ନୁହେଁ। ସେହିପରି ଏଥିରେ ଜଇରା ସହିତ ସୁରକ୍ଷାର ଧ୍ୟାନ ରଖିବା ଜରୁରି ହୋଇଥାଏ। ନେଣ୍ଟୁ ଘର ବଦଳାଇଥିବା ଲୋକ ପୂର୍ବରୁ ହିଁ କିଛି ନିୟମ ନିର୍ଦ୍ଧାରିତ କରିଥାନ୍ତି। ମୁଖ୍ୟତଃ ବୁଜପଷ ପରସ୍ପରର ପରିଚୟ ପତ୍ର, ଫଟୋ ଏବଂ ଅନ୍ୟ ଜରୁରି ତଥ୍ୟାଗମେଣ୍ଟ ସେୟାର୍ କରନ୍ତି। ଘରେ ଥିବା ଦାମୀ ଜିନିଷର ତଥ୍ୟ ପୂର୍ବରୁ ପରସ୍ପରକୁ ପ୍ରଦାନ କରିଥାନ୍ତି। ଏହାସହ ବିଦୁତି, ପାଣି ଅନ୍ୟ ବିଲ୍‌ର ଖର୍ଚ୍ଚ କିଏ କରିବ, ତାହା ମଧ୍ୟ ପୂର୍ବରୁ ସ୍ଥିର ହୋଇଥାଏ। ଏହାବ୍ୟତୀତ ଘରେ ରହୁଥିବା ଲୋକେ ସଫାସୁତୁରା ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି। ଏପରିକି ଛୁଟି ପରେ ଘରକୁ ସଫା କରିକି ଛାଡ଼ିବାକୁ କୁହାଯାଏ। ତେବେ ଏଥିରେ ଚୋରି, ସ୍ୱାଗତିର ଆଦି, ବ୍ୟକ୍ତିଗତ ତଥ୍ୟର ଖରାପ ବ୍ୟବହାର ଜରାରିବାର ମଧ୍ୟ ଆଶଙ୍କା ଜରାଯାଉଛି। ସେଥିପାଇଁ ଆଇନ ବିଶେଷଜ୍ଞ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଉଛନ୍ତି।

ଜେନ୍-ଜି କର୍ମଚାରୀ ପିନ୍ଧୁଛନ୍ତି ସମ୍ରାଟ ପୋଷାକ

ଆଧୁନିକ କର୍ପୋରେଟ୍ ଜଗତର ଅତ୍ୟଧିକ କର୍ମଚାପ, ଓଭରଟାଇମ୍ ଏବଂ ଟାର୍ଗେଟ୍ ପୂରଣର ଦୌଡ଼ ଏବେ ଯୁବପିଢ଼ିଙ୍କ ମାନସିକ ଶାନ୍ତି ଛଡ଼ାଇ ନେଇଛି। ଏହି ଜଟୋର କାର୍ଯ୍ୟ ସଂସ୍କୃତି ବିରୋଧରେ ଚୀନ୍‌ର ଜେନ୍ ଜି କର୍ମଚାରୀ ଏବେ ଏକ ନିଆରା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରିଛନ୍ତି। ପମାଁଲ୍ ପୋଷାକ ବଦଳରେ ସେମାନେ ଖୋଦ୍ଦଶ ଶତାବ୍ଦୀର ମିଙ୍ଗ୍ ରାଜବଂଶର ସମ୍ରାଟ ଜିଆଜିଙ୍ଗ୍‌ଙ୍କ ପରି ଢିଲା ଢଳା ଚୋଗା ପିନ୍ଧି ଅପିସ୍‌ରେ ବସୁଛନ୍ତି। ସୋସିଆଲ ମିଡିଆରେ ଏହି ନିଆରା ଟ୍ରେଣ୍ଡ ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଚୀନ୍‌ର ଲୋକପ୍ରିୟ ଟିକି ସିରିଜ୍ 'ମିଙ୍ଗ୍ ଜାଇନାଷ୍ଟି ଇନ୍ ୧୫୫୬' ଅନୁଯାୟୀ, ସମ୍ରାଟ ଜିଆଜିଙ୍ଗ୍ ଦରବାରର ନିୟମିତ ବୈଠକରେ ଯୋଗଦେବା ପରିବର୍ତ୍ତେ ପରଦା ପଛରୁ ମନ୍ତ୍ରୀମାନଙ୍କ କଥା ଶୁଣୁଥିଲେ ଏବଂ ଧ୍ୟାନ ଓ ସାଧନାରେ ସମୟ ବିତାଉଥିଲେ। ତାଙ୍କର ଏହି କାମରୁ ଦୂରେଇ ରହିବା ସ୍ୱଭାବ ପାଇଁ ଚୀନ୍‌ର ଯୁବପିଢ଼ି ତାଙ୍କୁ ମଜାରେ 'ରିମୋଟ୍ ୱାର୍କିଂ'ର ଜନକ ବୋଲି କହୁଛନ୍ତି। ଚୀନ୍‌ର ଅନଲାଇନ୍ ସପିଂ ପ୍ଲାଟଫର୍ମଗୁଡ଼ିକରେ ଲାଖରୀୟ ମୁଦ୍ରାରେ ପ୍ରାୟ ୧,୦୦୦ ଟଙ୍କା ମୂଲ୍ୟରେ ମିଳୁଥିବା ଏହି ଢିଲା ଚୋଗା ଏବେ ଯୁବ କର୍ମଚାରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଯୁବ କର୍ମଚାରୀଙ୍କ ଦାବିଦା ଅନୁଯାୟୀ, ଏହା କେବଳ ଅପିସ୍‌ର ଥଣ୍ଡା ଏସିରୁ ରକ୍ଷା କରେ ନାହିଁ, ବରଂ ୱେୟାରୁରେ ଆରାମରେ ବସି କାମ କରିବା ପାଇଁ ବେଶ୍ ଉପଯୋଗୀ। ବିଶେଷଜ୍ଞଙ୍କ ମତରେ, ଏହା କେବଳ ଏକ ଫ୍ୟାଶନ୍ ଟ୍ରେଣ୍ଡ ନୁହେଁ, ବରଂ ଚୀନ୍‌ର '୯୫୬'(ସକାଳ ୯ଟାରୁ ରାତି ୯ଟା, ସପ୍ତାହରୁ ୬ ଦିନ) ଭଳି କଠୋର କାର୍ଯ୍ୟ ସଂସ୍କୃତି ବିରୋଧରେ ଏକ ନିରବ ବିଦ୍ରୋହ। ଯୁବ କର୍ମଚାରୀଙ୍କ ମତରେ, ଯଦି ଦରମା ସମିତ, ତେବେ ଅତ୍ୟଧିକ ମାନସିକ ଚାପ ନେବାର କୌଣସି ଆବଶ୍ୟକତା ନାହିଁ। ପ୍ରକୃତରେ, କର୍ପୋରେଟ୍ ଜଗତର ଅସରନ୍ତି ଦୌଡ଼ ଭିତରେ ନିଜର ମାନସିକ ଶାନ୍ତି ବଜାୟ ରଖିବା ପାଇଁ ଏହା ଯୁବପିଢ଼ିଙ୍କର ଏକ ନିଆରା ପ୍ରୟାସ। ଅପିସ୍ ବେୟାରରେ ଚରି ସମ୍ରାଟଙ୍କ ପରି ଢିଲା ଚୋଗା ପିନ୍ଧିବା କେବଳ ଆରାମର ବିଷୟ ନୁହେଁ, ବରଂ କର୍ମଜୀବନ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଏକ ଶକ୍ତିଶାଳୀ ବାର୍ତ୍ତା ଦେଉଛି।



ଏକ ନିରବ ବିଦ୍ରୋହ ! ଯୁବ କର୍ମଚାରୀଙ୍କ ମତରେ, ଯଦି ଦରମା ସମିତ, ତେବେ ଅତ୍ୟଧିକ ମାନସିକ ଚାପ ନେବାର କୌଣସି ଆବଶ୍ୟକତା ନାହିଁ। ପ୍ରକୃତରେ, କର୍ପୋରେଟ୍ ଜଗତର ଅସରନ୍ତି ଦୌଡ଼ ଭିତରେ ନିଜର ମାନସିକ ଶାନ୍ତି ବଜାୟ ରଖିବା ପାଇଁ ଏହା ଯୁବପିଢ଼ିଙ୍କର ଏକ ନିଆରା ପ୍ରୟାସ। ଅପିସ୍ ବେୟାରରେ ଚରି ସମ୍ରାଟଙ୍କ ପରି ଢିଲା ଚୋଗା ପିନ୍ଧିବା କେବଳ ଆରାମର ବିଷୟ ନୁହେଁ, ବରଂ କର୍ମଜୀବନ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଏକ ଶକ୍ତିଶାଳୀ ବାର୍ତ୍ତା ଦେଉଛି।

ସମ୍ଭାବନା

ଇନଷ୍ଟାଗ୍ରାମ୍‌ର ନୂଆ ଫିଚର୍

ଇନଷ୍ଟାଗ୍ରାମ ତା' ବ୍ୟବହାରକାରୀଙ୍କ ଲାଗି ଜୁଲଟି ନୂଆ ଫିଚର୍ ଜାରି କରିଛି। ଏବେ ବ୍ୟବହାରକାରୀ କୌଣସି ଷ୍ଟୋରି ପୋଷ୍ଟ କରିବାର ୧୫ ମିନିଟ୍ ପର୍ଯ୍ୟନ୍ତ ତାହାକୁ ଏଡିଟ୍ କରିପାରିବେ। ଏହି ନୂଆ ଫିଚରର ବିଶେଷତ୍ୱ ହେଉଛି ଷ୍ଟୋରିରେ ଏଡିଟିଂ କରିବା ପରେ ପ୍ରୁଭାରା ଭିଉୱର, ଲାଇକ୍ ଓ ରିପ୍ଲାଏ ଅଦୃଶ୍ୟ ହେବ ନାହିଁ। ଏହାର ଅର୍ଥ କୌଣସି ଷ୍ଟୋରିକୁ ପୋଷ୍ଟ କରିବାର କିଛି ମିନିଟ୍ ପରେ ସେଥିରେ ଭୁଲ୍ ନଜର ଆସିଲେ, ତାହାକୁ ଡିଲିଟ୍ କରିବାର କୌଣସି ଆବଶ୍ୟକତା ନାହିଁ। ଅବଶ୍ୟ ଏହି ସୁବିଧା କେବଳ ୧୫ ମିନିଟ୍ ପାଇଁ ମିଳିବ। ଏହାପରେ ଷ୍ଟୋରିକୁ ଏଡିଟ୍ କରିବାର ବିକଳ୍ପ ଦୃଷ୍ଟିଗୋଚର ହେବ ନାହିଁ। ସେହିପରି ଏହି ଫିଚର ମାଧ୍ୟମରେ ଫଟୋ ଓ ଭିଡିଓକୁ ବ୍ୟବହାରକାରୀ ବଦଳାଇପାରିବେ ନାହିଁ। ଯଦି ଭୁଲ ଫଟୋ କିମ୍ବା ଭିଡିଓ ପୋଷ୍ଟ କରୁଥାନ୍ତି, ତାହାକୁ ହଟାଇ ପୁଣି ଥରେ ପୋଷ୍ଟ କରିବାକୁ ହେବ।

ଅନ୍ୟପଟେ ଇନଷ୍ଟାଗ୍ରାମ ଏହା ସହିତ ଆପଲ ବ୍ୟବହାରକାରୀଙ୍କ ପାଇଁ ଏକ ନୂଆ ଫିଚର୍ ଆଣିଛି। କାହାକୁ ପୋଷ୍ଟ ବା ଷ୍ଟୋରିରେ ଲଗା ଯାଇଥିବା ଗୀତ ପସନ୍ଦ ଆସୁଥିବେ



ଏହାକୁ ସିଧା ଆପଲ ମ୍ୟୁଜିକରେ ସେଭ୍ କରାଯାଇପାରିବ। ଏ ଲାଗି ବ୍ୟବହାରକାରୀଙ୍କୁ ପୋଷ୍ଟ ଏବଂ ଷ୍ଟୋରିରେ ଦିଆଯାଇଥିବା ଗୀତ ନାଁରେ ଟ୍ୟାପ୍ କରିବାକୁ ହେବ। ପ୍ରଥମଥର ଏଭଳି କରିବା ଦ୍ୱାରା ଆପଲ ମ୍ୟୁଜିକ ଆକାଉଣ୍ଟକୁ ଇନଷ୍ଟାଗ୍ରାମରେ ସଂଯୋଗ ହେବାର ବିକଳ୍ପ ମିଳିବ। ଥରେ ଆକାଉଣ୍ଟ ସଂଯୋଗ ହୋଇଯିବା ପରେ ଗୀତ ନାଁରେ ଟ୍ୟାପ୍ କରିଲେ ଆପ୍ ଟୁ ଆପଲ ମ୍ୟୁଜିକର ବିକଳ୍ପ ଦେଖିବାକୁ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀଙ୍କୁ ଇନଷ୍ଟାଗ୍ରାମ୍‌ରେ ପସନ୍ଦ ଆସୁଥିବା ଗୀତକୁ ଅଲଗା ସର୍ଚ୍ଚ କରିବାକୁ ପଡ଼ିବ ନାହିଁ।

ଚାକିରି ଚାପରେ ଯୁବପିଢ଼ି

ଆଜିର ସମୟରେ ଅପିସ୍ ଷ୍ଟ୍ରେସ୍ ବା ଚାପ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଅଧିକ କାମ, ଟାର୍ଗେଟ୍ ପୂରଣର ଚାପ, ଅପିସ୍‌ରେ ପ୍ରତିଯୋଗିତା ଏବଂ ଠିକ୍ ସମୟରେ କାମ ଶେଷ କରିବାର ଚିନ୍ତା କର୍ମଚାରୀଙ୍କ ମାନସିକ ଶାନ୍ତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ କେବଳ ଅପିସ୍‌ରେ ସୀମିତ ରହୁ ନାହିଁ। ବରଂ ବ୍ୟକ୍ତିଗତ ଜୀବନ ଓ ପାରିବାରିକ ସମ୍ପର୍କ ଉପରେ ପଡୁଛି।

ଏବେ ଅଧିକାଂଶ କର୍ମଚାରୀଙ୍କ ଉପରେ କାମର ବୋଝ ବଢ଼ିବା ସହ ଅଧିକ ସମୟ ଅପିସ୍‌ରେ ରହିବାକୁ ପଡୁଛି। ଏହା ସହିତ ଚାକିରି ହରାଇବାର ଭୟ, ପଦୋନ୍ନତିର ଚିନ୍ତା, କମ୍ ଦରମା, ବରିଷ୍ଠ ଅଧିକାରୀଙ୍କ ଚାପ ମଧ୍ୟ ମାନସିକ ଚାପ ବୃଦ୍ଧି କରିଥାଏ। ଅନେକ ସମୟରେ ଅପିସ୍ କାମ ଶେଷ ହେବା ପରେ ବି ମୋବାଇଲ ଓ ଲାପଟପ୍‌ରେ କାମ କରିବାକୁ ହୋଇଥାଏ। ଫଳରେ କର୍ମଚାରୀ ନିଜ ପାଇଁ ତଥା ପରିବାର ପାଇଁ ସମୟ ବାହାର କରିପାରନ୍ତି ନାହିଁ।

ଦୀର୍ଘ ସମୟ ଧରି ଅପିସ୍‌ରେ ରହିବା ଦ୍ୱାରା ନିଦ୍ରାହୀନତା, ମୁଣ୍ଡବିନ୍ଧା, ଅମ୍ଳପ୍ତିତ, ଚିଡଚିଡାପଣ ଦେଖା ଦେଇପାରେ। ଜିଦ୍ଦି କ୍ଷେତ୍ରରେ ଏହା ଅବସାଦର କାରଣ ମଧ୍ୟ ହୋଇପାରେ। ଅଧିକ ମାନସିକ ଚାପ ଯୋଗୁଁ କର୍ମଚାରୀଙ୍କ କାମ କରିବାର କ୍ଷମତା ଓ ଉତ୍ପାଦକତା ମଧ୍ୟ କମିଯାଏ। ତେବେ ଅପିସ୍ ଚାପ କମାଇବା ଲାଗି କାମ ଓ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଜରୁରି। ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ, ଭଲ ଗୀତ ଶୁଣିବା ଏହାକୁ କମ୍ କରିବା ଦିଗରେ ସାହାଯ୍ୟ କରିପାରେ।



ବେଳେବେଳେ କାମରୁ ଛୁଟି ନେଇ ନିଜ ପାଇଁ ସମୟ ବାହାର କରିବା ଦରକାର। ଯଦିଓ ଚାକିରି ଓ ଟଙ୍କା ଜରୁରି, ତଥାପି ମ

ଉତ୍କଳ ସମାଗରୁ

ସମ୍ପାଦକୀୟ...

ଗୁରୁବାର ୨୬ ନଭେମ୍ବର ୨୦୨୬

ସମୟର ମହାବଳ ବାଘର ହେଟାଂଳ ବିଜୟ ନାୟକ



ଡେଚ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘର ବିଚରଣ କେବଳ ପର୍ଯ୍ୟଟକମାନଙ୍କୁ ନୁହେଁ, ରାଜ୍ୟବାସୀଙ୍କ ସମେତ ଦେଶବାସୀଙ୍କୁ ଆମୋଦିତ କରିଛି । ଆସାମୀ ବିନରେ ବଣରେ ନୁହେଁ, ଛବିରେ ବାଘ ଦେଖିବାକୁ ହେବ ବୋଲି ପ୍ରାଣୀବିଜ୍ଞାନୀମାନଙ୍କ ଭବିଷ୍ୟବାଣୀ ପରିପ୍ରେକ୍ଷୀରେ ଏହା ଅବଶ୍ୟ ଏକ ବିରଳ ଘଟଣା । ଆଉ ଏକ ଘଟଣା ଘଟିଛି ସୁନାବେଡ଼ାରେ । ଜନବସତି ପାଖରେ ବାଘର ପଦଚିହ୍ନ ଚିହ୍ନଟ କରାଯାଇଛି । ଗୋଟିଏ ଘଟଣା ଆଶାର ସଙ୍କେତ ତ ଅନ୍ୟଟି ଆଶଙ୍କାର ବାହକ । ଏପରି ଅନେକ ବିରୋଧାଭାସର ସମାହାର ସାଲୁଜିକ ପୃଥିବୀ । ବାଘମାନଙ୍କ ଜୀବନଧାରଣ ସ୍ୱଚ୍ଛନ୍ଦ ଓ ସାବଲୀଳ କି ? ବାଘମାନେ କେବଳ ଜାହିଁକି, ଅନ୍ୟ ବନ୍ୟପ୍ରାଣୀମାନେ ନିରାପଦ ଓ ନିର୍ଭୟରେ ବଂଚିପାରୁଛନ୍ତି ତ ? ରହିବା, ଖାଇବାରେ ସେମାନଙ୍କର ଅସୁବିଧା ନାହିଁ ତ ? ସେମାନେ ଅନ୍ତରଙ୍ଗ ଜୀବନଯାପନ କରିପାରୁଛନ୍ତି ତ ? କରିପାରୁଛନ୍ତି ତ ବଂଶବୃଦ୍ଧି ? ଏସବୁ ପ୍ରଶ୍ନର ସକାରାତ୍ମକ ଉତ୍ତର ଅଛି କି ? ବଣ ବିପରରେ । ବଣରେ ରହୁଥିବା ଜୀବଜନ୍ତୁ ନିରାପଦରେ ରହିବେ କିପରି ? ଅରଣ୍ୟ ଆଉ ବୈଭବର ଗନ୍ତାଘର ହୋଇ ରହିନାହିଁ, ଅନଟନର ନାମାନ୍ତର ପାଲଟିଛି । ହାତୀମାନେ ବଣ ଛାଡ଼ି ଗାଁ, ସହରମୁହାଁ । ବାଘଛାଲୁ, ଗଣ୍ଡାଘୟଜ ଏପରିକି ସାପ ଓ ଅନ୍ୟ ସରୀସୃପମାନେ ମଣିଷର ଜମିବାଡ଼ିକୁ ଅକ୍ତିଆର କରିବା ପାଇଁ ଆଗଉର ହେଲେଣି, ଚପ୍ପର ହେଲେଣି ମଣିଷ ଖାଦ୍ୟରେ ଭାଗ ବସାଇବା ପାଇଁ । ନା, ନା । ଏସବୁ ମିଛକଥା । ଏହା ମଣିଷର ଉପୋଳଢ଼କିତ ଭାହାଣୀ । କଥା କହିପାରୁ ନ ଥିବା ପ୍ରାଣୀମାନଙ୍କ ବିପ୍ଳବରେ ଖଡ଼୍ ?ଯନ୍ତ୍ର । ମଣିଷ ଜୀବନକୁଇ ଜାରୀ ଜବରଦଖଲ କରିଛି, ସେମାନଙ୍କ ମୁହଁରୁ ଖାଦ୍ୟ ଛଡ଼ାଇ ଆଣିଛି । ସେମାନେ କହିପାରୁଥିଲେ ସିନା ହାଜିମପୁରୁମାଙ୍କ ପାଖରେ ଅଭିଯୋଗ କରନ୍ତେ ବା ନେତାମାନଙ୍କୁ ଘୁହାରି ଜଣାନ୍ତେ ! ମଣିଷର 'ରୋଟି, କପଡ଼ା ଆଉ ମକାନ'ର ଅଭାବ ଇତିହାସରେ ଶତସହସ୍ର ବିପ୍ଳବକୁ ଜନ୍ମ ଦେଇଛି । ବନ୍ୟପ୍ରାଣୀମାନଙ୍କର ଯାହା ହେଉ କପଡ଼ା ବରଜାର ନାହିଁ, ଜିଭୁ ରୋଟି ଓ ମକାନ ପାଇଁ ତ ସେମାନେ ଦ୍ରୋହ କରିପାରନ୍ତେ ଦ୍ରୋହ କରୁ ନାହାନ୍ତି କି ? ରାଜଧାନୀରେ ରାଲି ଜଲେଣି ହାତୀମାନେ, ମର୍କଟବାହିନୀ ଫସଲ ଲୁଟିଲେଣି, ସାପମାନେ ଆଡଙ୍କ ଖେଳେରଲେଣି ଘରେ ଘରେ । ବଣ ସେମାନଙ୍କର, ଗଛ ସେମାନଙ୍କର ପୁଣି ମାଟି ସେମାନଙ୍କର । ସେମାନଙ୍କ ଅଧିକାରକୁ ଛିନ୍ନ କରିବାର ଅଧିକାର ମଣିଷକୁ ଦେଲା କିଏ ? ମଣିଷ ବିଜ୍ଞାନୀ ହୋଇଛି, ବିବେକୀ ହୋଇ ରହିନାହିଁ । ଜଙ୍ଗଲ ସଫା କରିବା ଏବଂ ଲଗାମଛଡ଼ା ପଶୁମାନଙ୍କୁ ଗୃହପାଳିତ କରିବା ପ୍ରଥାସବୁ ହୋଇଛି ମାନବ ସଭ୍ୟତାର ପୃଷ୍ଠପାତ । କୃଷି ସଭ୍ୟତା ଜଙ୍ଗଲକୁ ଚାଷଜମିରେ ପରିଣତ କଲା, ଜିଆଜୋକକୁ ନିପାତ କଲା, ହିଡ଼ଡାଡ଼ ମାଧ୍ୟମରେ 'ଚୋର-ମୋର' ଭାବ ସୃଷ୍ଟି କଲା, ବାଛୁରୀକୁ କ୍ଷୀରରୁ ବଂଚିତ କଲା ଏବଂ ତାକୁ ବଳଦ କରି ତା' ଜାନ୍ଧରେ ଜୁଆଳି ପକାଇଲା । ନଦୀରୁ ମାଠିଆରେ ପାଣିଆଣି 'ମୋର' ବୋଲି କହିଲା । ଶିଳ୍ପବିପ୍ଳବ, କୃଷି ବିପ୍ଳବଠାରୁ ଜାହିଁ ବେଡ଼େ ଗୁଣରେ ଅଧିକ ଭୟଙ୍କର । ତା'ରି ମାଧ୍ୟମରେ ମଣିଷ ସଭ୍ୟାଗରାଧରାକୁ ଆପଣାର କଲା । ହେଲା ଟ୍ରିପୁରବିଜୟୀ । ନିରୀହ ବଣ୍ୟ ପ୍ରାଣୀମାନଙ୍କୁ ହିଂସ୍ର ଆଖ୍ୟା ଦେଇଛି ଚତୁର ମଣିଷ । ମଣିଷର ହିଂସ୍ରତା ପାଖରେ ଜିଭୁ ଚରାଚର ତ୍ରସ୍ତ । ବର୍ଷାଜଗୁରେ ଓଡ଼ିଶାର ଗାଁଗଣ୍ଡାରେ ଆଉ ବେଙ୍ଗମାନଙ୍କର ଗଡ଼ି ଶୁଣୁଛି କି ? ଜର୍ଜଣ ଶବ୍ଦରେ ପରିବେଶକୁ ଜମାର ଦେଉଥିବା ବେଙ୍ଗମାନଙ୍କୁ ଲକ୍ଷ୍ୟକରି ଜବିରତ ରାଧାନାଥ ଲେଖିଥିଲେ: 'ବର୍ଷର ରବ ଶୁଣି ନିରବ ପିକ ।' ବର୍ଷର ରବରେ ଜିଭୁ ଥିଲା ପ୍ରାଣ-ପ୍ରାଚୁର୍ଯ୍ୟ । ବର୍ଷରଙ୍କ ରବ ଆଉ ଶୁଣୁ ନାହିଁ । ଆଗରୁ ଜାତିବାଦିରୀ ବେଙ୍ଗ ଥିଲେ- ଜାଠବେଙ୍ଗ, କୁକିବେଙ୍ଗ, ଗଙ୍ଗରଜିଆ ବେଙ୍ଗ । ସେମାନେ ଗଲେ କୁଆଡ଼େ ? ଚିଲ, ଶାଗୁଣା ଆଉ ବ'ଣ ଦେଖିବାକୁ ମିଳୁଛନ୍ତି ? ଆକାଶକୁ ଘୋଟିଥିବା ଜଳାମେଘ ତଳେ ଉଡ଼ିଯାଉଥିବା ବଗବଜର ବର୍ଣ୍ଣନା ଜବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲେଖନୀରେ ଅନନ୍ୟ: "ଦେଖି ନବଜାଳିଆ ବଜାଳିବା ମାଳିକା ଆଜି ଜାଳିଜା ଜାନ୍ତ ସୁରି ।" ଏମନ୍ତ ଦୃଶ୍ୟ ଏବେ ବୁର୍ଲଭ । ଗେଣ୍ଡାଳିଆମାନେ ବି ଆସପରି ଆଉ ପର ଝାଡ଼ି ଉଡୁନାହାନ୍ତି । ଜୋଇଲିମାନେ ଗୀତ ଗାଇବାକୁ କୁଣ୍ଠିତ ହେଲେଣି । ଶରତାବସନ୍ତ ଦେଶାନ୍ତରିତ । ନାଲି ଗୁଲୁଗୁଲୁ ସାଧାରଣତଃ ହାଡୁମାନେ ଶରମରେ ଲେଉଁ ଆଡ଼େ ଲୁଚିଗଲେ କି ? ଏଣ୍ଟୁଅ, ପରତଡିଆ, ବାଇ ଚଡ଼େଇମାନଙ୍କ ଠିକଣା ହଜିଯାଇଛି କି ? 'ହୁକୋହୋ' ଆଉ ବ'ଣ ଶୁଣିବାକୁ ମିଳୁଛି ? ବାଘମାମୁ କାହିଁ ଯେ ଟୁଆଁଟୁଇଁକ ପିଠା ଖାଇବାକୁ ଲୋଭେଇବ ! ଧରିତ୍ରୀ ସମସ୍ତଙ୍କର ଧାତ୍ରୀ । ନର, ପଶୁ, ପକ୍ଷୀ, କୀଟ, ତରୁ, ଲତା- ସବୁରି ସେ ଜମାଧେନୁ । ଗୋଟିଏ ଜର୍ଗତ ଆଧିପତ୍ୟରୁ କାହିଁକି ସହିବ ବସୁନ୍ଧରୀ ? ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ । ଦେଖୁ ଦେଖୁ ସୃଷ୍ଟି ନାଶ ହେଉଛି । ମଣିଷ କିଛି କିଜୁ ଛେଡୁନାହିଁ । ବାୟୁ ନାହିଁ ତ ପ୍ରାଣ ନାହିଁ, ଜଳ ନାହିଁ ତ ଜୀବନ ନାହିଁ, ସବୁଜନ ନାହିଁ ତ ସମାଜ ନାହିଁ । ପାରସ୍ପରିକ ନିର୍ଭରଶୀଳତା ଉପରେ ଜୀବନର ଅସ୍ତିତ୍ୱ ଓ ସ୍ଥାୟିତ୍ୱ ନିର୍ଭରଶୀଳ । ବାଘଛାଲୁ, ସାପବେଙ୍ଗ, ଏପରିକି ତଡ଼ୁଚଟିଘୁଷୁଣ୍ଡୀ ବିନା ମଣିଷର ଜୀବନଯାତ୍ରା ସୁଗମ ହୋଇପାରିବ ନାହିଁ । ଜମି, ଜଳ, ଜୀବ ଓ ଜଙ୍ଗଲକୁ ମଣିଷ ପୁରଖା ଦେବ ବ'ଣ, ସେସବୁର ବିନାଶର ଜାରକ ହୋଇଛି । ଯଜୁର୍ବେଦର ଶାନ୍ତିମନ୍ତ୍ରରେ ଆକାଶ, ଅନ୍ତରୀକ୍ଷ, ପୃଥିବୀ, ଜଳ, ଔଷଧୀୟ ଗୁଳ୍ମ, ବନସ୍ପତି ସବୁର ପ୍ରଶାନ୍ତି କାମନା କରାଯାଇଛି: "ଦ୍ୟୌଃ ଶାନ୍ତିରନ୍ତରୀକ୍ଷଃ ଶାନ୍ତିଃ ପୃଥ୍ୱୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ । ବନସ୍ପତୟଃ ଶାନ୍ତିର୍ବିଶ୍ୱେ ଦେବାଃ ଶାନ୍ତିର୍ବହ୍ମ ଶାନ୍ତିଃ ସର୍ବ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରୋଧି ।" ବିଶ୍ୱତ୍ରହ୍ମାଣ୍ଡର ପ୍ରିରତା ନିମନ୍ତ୍ରର ପ୍ରିତି କାହିଁ ? କିଜୁ ଏସବୁର ବ୍ୟତିକ୍ରମ ହିଁ ବିଡ଼ୟନା, ଆସନ୍ତପ୍ରାୟ ପ୍ରଳୟର ମନ୍ଦ୍ର ଧ୍ୱନି । ଆମେ ବାଘ ଦେଖୁ ବିହୁନ ! ଶୁଣିପାରୁନାହୁଁ କିଜୁ ସମୟର ମହାବଳ ବାଘର ହେଟାଂଳ !

ତନ୍ଦ୍ରା ଭଙ୍ଗ



ଏହି ମାସ ବୃଚାର ସପ୍ତାହରେ ଭାରତ ଗସ୍ତରେ ଆସୁଥିବା ଆମେରିକୀୟ ପ୍ରତିନିଧି ମଣ୍ଡଳ ସହିତ ଅର୍ଥପୂର୍ଣ୍ଣ ବାର୍ତ୍ତା ବିନିମୟ ମାଧ୍ୟମରେ ହୁଏତ ସ୍ଥିତିରେ କିଛି ସୁଧାର ଆସିପାରେ । ତେବେ, ଭାରତ କିଛିକି ଏହି ଅଗ୍ନି ପରୀକ୍ଷାରେ ଉତୀର୍ଣ୍ଣ ହେବା ପ୍ରାୟ ସୁନିଶ୍ଚିତ । 'ଟ୍ରୁଥ ସୋସିଆଲ'ରେ ପ୍ରସାରିତ ଟ୍ରମ୍ପଙ୍କ ବାର୍ତ୍ତାର ମର୍ମ ହେଲା ସେସାକୁ ତେସା ଟାରିଫ ନୀତିରେ ଭାରତ ଉପରେ ତ ୨୫% 'ଟାରିଫ୍' ଜଷାଯିବ; କିନ୍ତୁ ତା' ସହିତ ରୁଷିଆ ଠାରୁ ସାମରିକ ସଜଂଜାମ ଓ ଖଣିଜ ତୈଳ କ୍ରୟ କରୁଥିବା ଦୋଷର 'ପନାଲ୍ଟି' ବା ଜରିମାନା ସ୍ୱରୂପ ଏକ 'ରିଡ୍ସ'ର ସବସ୍ୟ ହୋଇଥିବା ଜାରଣରୁ ଅତିରିକ୍ତ ଟିକସ ମଧ ଲଗାଯିବ । ପ୍ରକାଶ ଥାଉ କି ରପ୍ତାନି କ୍ଷେତ୍ରରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଗୁଡ଼ିକ ଉପରେ ଅପେକ୍ଷାକୃତ କମ୍ 'ଟାରିଫ' ଲଗାଯାଇଥିବାରୁ ଆମେରିକା ବଜାରରେ ଭାରତୀୟ ଦ୍ରବ୍ୟର ମୂଲ୍ୟ ଅଧିକ ହୋଇ ଜେତାଙ୍କ ନାପସନ୍ଦର ଜାରଣ ହେବ, ଯଦ୍ୱାରା ଭାରତୀୟ ଉଦ୍ୟୋଗ ଓ ଅର୍ଥନୀତି ବିପୁଳ କ୍ଷତି ସହିବାକୁ ବାଧ ହେବେ । ଟ୍ରମ୍ପଙ୍କ ଘୋଷଣାକୁ ଭାରତର ମେରୁଦଣ୍ଡ ଉପରେ ଏକ ପ୍ରହାର ବୋଲି ଅନେଜକ୍ତ ବିଚାର କରାଯାଇଥିବା ବେଳେ ଏହାର ପ୍ରଭାବ ଓ ପରିଣାମ କିଭଳି ହୋଇପାରେ, ସେ ସଂପର୍କରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଜିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି ଭିଏତନାମ, ଇଣ୍ଡୋନେସିଆ, ଫିଲିପାରନସ, ଜାପାନ, ୟୁ.କେ. ଓ ୟୁରୋପୀୟ ସଂଘ ଉପରେ ଆମେରିକା 'ସେସାକୁ ତେସା ଟାରିଫ'ର ପରିମାଣ ହେଉଛି ଯଥାକ୍ରମେ ୨୦%, ୧୯%, ୧୯%, ୧୫%, ୧୦% ଓ ୧୬ ପ୍ରତିଶତ । ଏହାର ଅର୍ଥ ଭାରତ ଉପରେ ଲାଗୁ ୨୫% ଟାରିଫ ହେତୁ ବୈଦ୍ୟୁତିକ ଉପକରଣ, ମୋଟର ଗାଡ଼ି ଯନ୍ତ୍ରାଂଶ, ଇଲେକ୍ଟ୍ରୋନିକ୍ସ ସଜଂଜାମ, ପୋଷାକପତ୍ର, ଜେତେକ କୃଷିଜ ଉତ୍ପାଦିର ରପ୍ତାନି କ୍ଷେତ୍ରରେ ଭାରତ ପ୍ରତିଯୋଗିତା କ୍ଷମତ ହେବ । ପ୍ରକାଶ ଥାଉ କି ଭାରତରୁ ଆମେରିକାକୁ ହେଉଥିବା ମୋଟ ରପ୍ତାନି ମୂଲ୍ୟ ୮୮ ବିଲିଅନ ଡଲାର ହୋଇଥିବା ବେଳେ ଆମେରିକାରୁ ହେଉଥିବା ମୋଟ ଆମଦାନି ମୂଲ୍ୟ ହୋଇଥାଏ ୪୨ ବିଲିଅନ ଡଲାର; ଅର୍ଥାତ ୪୬ ବିଲିଅନ ଡଲାରର ନିଆଁଟା ପରିସ୍ଥିତି ! ଏଭଳି ବୃଶ୍ୟମଟ ଲାଗି ଭାରତର ମାତ୍ରାଧିକ ଭାବେ ଉଚ୍ଚା ଆମଦାନି ଶୁଳ୍କ ଦାୟୀ ବୋଲି ଟ୍ରମ୍ପ ଆପତ୍ତି କରି ଆସୁଛନ୍ତି ଏବଂ ଆମେରିକାର ନାମକୁ ମାତ୍ର ତାରିଫର ସୁଯୋଗ ନେଇ ଭାରତ ସମେତ ସମସ୍ତ ଦେଶ ସେତାକାର ବଜାରରେ କରୁଥିବା ବିପୁଳ ଲାଭକୁ ସେ ପ୍ରକାରାନ୍ତରେ 'ଆମେରିକାର ଶୋଷଣ' ରୂପେ ଦେଖି ଆସୁଛନ୍ତି, ଯାହା ତାଙ୍କ ସକାଶେ ସହ୍ୟ ! ଅନେକ ବିଶ୍ଳେଷଜ୍ଞଙ୍କ ମତରେ ଆମେରିକାର 'ସେସାକୁ ତେସା ଟାରିଫ' ନୀତିର ପ୍ରକୃତ ଅଭିସନ୍ଧି ହେଉଛି ଏକ ଅଭିନବ ଅଦୃଶ୍ୟ ଯୁଦ୍ଧ ମାଧ୍ୟମରେ ବିନା ରକ୍ତପାତରେ ସଂହାର ଲୀଳା ଚଳାଇ ପୃଥିବୀକୁ ନଡମଷ୍ଟଙ୍କ ଜରି ରଖିବା ! ଏହାର ପ୍ରମାଣ ମିଳିଥାଏ ଟ୍ରମ୍ପଙ୍କ ବାର୍ତ୍ତାରୁ, ଯହିରେ 'ଅବୋଜରରା' ରୁଷିଆ ପ୍ରତି ସପକ୍ଷତାବୀ ଆଭିମୁଖ୍ୟ ଘୋଷଣା କରିଥିବା ଭାରତକୁ ଦଣ୍ଡିତ କରିବାର ଉଦ୍ଦେଶ୍ୟ ପ୍ରଜଳନ । ତାଙ୍କ ସତ୍ୟତମ ପୋଷ୍ଟଟି ଯାହା କହିଛି, ତାହାର ମର୍ମାର୍ଥ ହେଲା ଭାରତ ଓ ରୁଷିଆ ଭଳି ଦୁଇ ମୃତ ଅର୍ଥନୀତି ଧରାପରା ଛୋଟ ବୁଡ଼ି ଗଲେ ବି ତାହା ତାଙ୍କ ଲାଗି ଚିନ୍ତାର କାରଣ ହେବ ନାହିଁ । ପ୍ରକାଶ ଥାଉ କି ୟୁକ୍ରେନ-ରୁଷିଆ ଯୁଦ୍ଧ ବିରତି ଂଘର୍ଷରେ ଟ୍ରମ୍ପଙ୍କ ଆଦେଶକୁ ପୁତିନଙ୍କ ଅବମାନନା ତାଙ୍କୁ କ୍ଷୁବ୍ଧ କରିଛି । ସୁତରାଂ, ପ୍ରସଙ୍ଗତି ବିଭଜି ନିରୋଳା ଦେପାରବଣିଜ ପରିସରକୁ ଅତିକ୍ରମ କରି ରାଜନୈତିକ ଓ ରଣନୈତିକ ବଳୟରେ ପ୍ରବେଶ କରିଛି ତାହା ସୁସ୍ପଷ୍ଟ । ପ୍ରକାଶ ଥାଉ କି ଆମେରିକା ତାରିଫ ଆକ୍ରମଣ ବିରୋଧରେ କେବଳ ତାର ନାନାଦା ଦୃଢ଼ ସ୍ୱର ଉତୋଳନ କରିଛନ୍ତି । ଭିଏତନାମ ଭଳି ରାଷ୍ଟ୍ର ଆମେରିକା ଦ୍ରବ୍ୟର ଆମଦାନିକୁ ଶୁଳ୍କ ଶୂନ୍ୟ କରିବାକୁ ମଧ ପ୍ରସ୍ତୁତ । ଜାପାନ, ଯାହା ସେତାକାର କୃଷକମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଅଗ୍ରାଧିକାର ଦେଇଥାଏ, ଆମେରିକାରୁ ଚାଉଳ ଆମଦାନିରେ ୭୫% ବୃଦ୍ଧି ଘଟାବାକୁ ବିଷୟ ଘୋଷଣା କରି ସାରିଲାଣି । ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଆମେରିକା ସହିତ ବାଣିଜ୍ୟ ତୁଲ୍ଟି କରିବାକୁ ମାର୍ଗ ଅନ୍ୱେଷଣ କରୁଛନ୍ତି । ଏଭଳି ଏକ ଅସମାକୁପାତିକ ଂଘାତରେ ଭାରତ ସଂପ୍ରତି ନିଜକୁ ଏକ ଅସହାୟ ସ୍ଥିତିରେ ମଧ ପାଇଥାଏ ! ଭାରତ ସକାଶେ ଉତ୍ପନ୍ନ ଦୁଇ ଚଢ଼ାକ ସମସ୍ୟା ହେଲା ଆମେରିକାରେ ବିକ୍ରୟ ହୋଇ ପାରୁ ନ ଥିବା ଦ୍ରବ୍ୟ ଲାଗି ନୂତନ ବଜାର ସନ୍ଧାନ ଓ ଆମେରିକା ବଜାରରେ ପ୍ରତିଦ୍ୱନ୍ଦ୍ୱୀ ଦେଶ ସକାଶେ ସାମର୍ଥ୍ୟର ଅଭାବ । ଉଦାହରଣ ସ୍ୱରୂପ 'ବ୍ରିକ୍ସ' ମେଂ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକ ଉପରେ ଆମେରିକା ଦ୍ୱାରା ଅତିରିକ୍ତ ତାରିଫ ଲାଗୁ କରାଯିବାର ଧମକ ହୁଏତ ତ୍ୱାଜିଲ୍ଲୁ ବିଶେଷ ବ୍ୟତିବ୍ୟସ୍ତ ଜରି ନ ଥିବ, କାରଣ ତାହା ଆମେରିକାରେ ପ୍ରତ୍ୟାକ୍ଷ୍ୟାତ ଦ୍ରବ୍ୟମାନ ଚୀନରେ ବିକ୍ରୟ କରିବାର ବାତ ପାଇଥିବ, କିନ୍ତୁ ଚୀନ ସହିତ ତିକ୍ତତା ହେତୁ ତାହା ଭାରତ ଲାଗି ଏକ ଦୁରୂହ ବ୍ୟାପାର ହୋଇପାରେ । ସେହି ଭଳି ବିରଳ ମୃତିକା ବା ବିଶେଷ ଗୁଣ ସମ୍ପନ୍ନ ଧୂସର ଯୋଗାଣ କ୍ଷେତ୍ରରେ ଚୀନର ଏକଚ୍ଛତ୍ର ଆଧିପତ୍ୟ ତାକୁ ଅପରାଜେୟ ଭାବେ ଗଢ଼ି ତୋଳିଛି, ଯାହା ପୂର୍ବତୀକୁ ପରିତାକିତ ଜରିବାକୁ ଆମେରିକାକୁ ଏବଂ ଉଚ୍ଚ ଦକ୍ଷତାସଂପନ୍ନ 'ଚିପ୍'ଗୁଡ଼ିକର ପ୍ରସ୍ତୁତି ଲାଗି ସେ ସବୁ ଜଟାମାୟ ରୂପେ ଅତ୍ୟାବଶ୍ୟକ, ଯାହା ବିନା 'ସିଜିକନ ଭେଲି' ବା 'ଟେସ୍ଲା'ର ପ୍ରାଣ ସ୍ପନ୍ଦନ ହୁଏତ କ୍ଷୀଣ ହୋଇଯାଇପାରେ । ଏହି ଜାରଣରୁ ଚୀନ ଉପରେ ଟ୍ରମ୍ପଙ୍କ ଦ୍ୱାରା ଘୋଷିତ ଏକ ଅଶ୍ରୁତପୂର୍ବ ୧୪୦% ଟାରିଫର ଜବାବରେ ଆମେରିକା ମଧ ଚୀନ ପକ୍ଷରୁ ସମତୁଲ ଟାରିଫର ଶରବର୍ଷ ହେଲା, ଯଦ୍ୱାରା ଚୀନ ସହିତ ଆଲୋଚନା ଜରିବା ଲାଗି ଟ୍ରମ୍ପ ଇଚ୍ଛୁକ ବୋଲି ଜଣ୍ଟିତ ପ୍ରତୀୟମାନ ହେଉଛନ୍ତି । ଭାରତ ସକାଶେ ତୃତୀୟ ସମସ୍ୟାଟି ହେଲା କୃଷିଜାତ ଓ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ରରେ ଆମେରିକାର ପ୍ରବେଶ ଜବ୍ୟାମକୁ ବିରୋଧ । ବହିବା ବାହୁଲ୍ୟ, ଭାରତୀୟ କୃଷକ(ଜନଂଖ୍ୟାର ପ୍ରାୟ ୫୦%)ମାନଙ୍କ ସ୍ୱାର୍ଥକୁ ନିରାପଦ ବିବା ଲାଗି ଭାରତ ପକ୍ଷରୁ ଏହି ଦୁଇଟି କ୍ଷେତ୍ରରେ ଅଧ୍ୟନ୍ତ ଉଚ୍ଚ ଆମଦାନି ଶୁଳ୍କ ଲଗାଯାଇଥାଏ । ଏ କ୍ଷେତ୍ରରେ ଶୁଳ୍କ ହ୍ରାସର ଅର୍ଥ ବେଶରେ ତୀବ୍ର ଜନ ବିରୋଧର ସୃଷ୍ଟି । କେବଳ ସେତିକି ନୁହେଁ, ଏଭଳି ଏକ ସ୍ଥିତିରେ 'ପି.ଡି.ଏସ୍.' ବ୍ୟବସ୍ଥାର ବିଲୟ ଘଟିବାର ସମ୍ଭାବନା ଥିବାରୁ ତାହା ଯେ ଶାସକ ଦଳ ସକାଶେ ଆତ୍ମଘାତୀ ହେବ, ତାହା କହିବା ବାହୁଲ୍ୟ ମାତ୍ର । ତେଣୁ ଏ କ୍ଷେତ୍ରରେ ଆମେରିକାର ପ୍ରବେଶ ଜବ୍ୟାମକୁ ରୋକିବା ଏକ ଆତ୍ମଘାତିପର ଆବଶ୍ୟକତା । କହିବା ବାହୁଲ୍ୟ ଯେ ଏଭଳି ସ୍ଥିତିରେ ଭାରତ ମଧ ଡିଷ୍ଟି ରହିବାର ସଘନ ଜବ୍ୟମରେ ବ୍ୟାପୃତ ହେଲାଣି । ଜତି ମଧବର ଙ୍କଲାଷ୍ଟ ସହିତ ମୁକ୍ତ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କରି ଦ୍ୱି-ପାକ୍ଷିକ ବାଣିଜ୍ୟର ପରିସରକୁ ଅଧିକ ପ୍ରଶସ୍ତ କରିଛି । ଏହା ମଧ ସମ୍ଭବ ଯେ ଟ୍ରମ୍ପଙ୍କ 'ବାବାଗିରି'ର ପ୍ରତିକ୍ରିୟାରେ ବିଜିନ୍ନ ରାଷ୍ଟ୍ର ବାଣିଜ୍ୟ ମେଂଟ୍ମାନ ଗଢ଼ିବେ, ଯାହାର ସୁଫଳ ମଧ ଭାରତକୁ ମିଳିବ । ଏହି ମାସ ବୃଚାର ସପ୍ତାହରେ ଭାରତ ଗସ୍ତରେ ଆସୁଥିବା ଆମେରିକୀୟ ପ୍ରତିନିଧି ମଣ୍ଡଳ ସହିତ ଅର୍ଥପୂର୍ଣ୍ଣ ବାର୍ତ୍ତା ବିନିମୟ ମାଧ୍ୟମରେ ହୁଏତ ସ୍ଥିତିରେ କିଛି ସୁଧାର ଆସିପାରେ । ତେବେ, ଭାରତ କିଛିକି ଏହି ଅଗ୍ନି ପରୀକ୍ଷାରେ ଉତୀର୍ଣ୍ଣ ହେବା ପ୍ରାୟ ସୁନିଶ୍ଚିତ । ସୁତରାଂ, ପ୍ରସଙ୍ଗତି ବିଭଜି ନିରୋଳା ଦେପାରବଣିଜ ପରିସରକୁ ଅତିକ୍ରମ କରି ରାଜନୈତିକ ଓ ରଣନୈତିକ ବଳୟରେ ପ୍ରବେଶ କରିଛି ତାହା ସୁସ୍ପଷ୍ଟ । ପ୍ରକାଶ ଥାଉ କି ଆମେରିକା ତାରିଫ ଆକ୍ରମଣ ବିରୋଧରେ କେବଳ ତାର ନାନାଦା ଦୃଢ଼ ସ୍ୱର ଉତୋଳନ କରିଛନ୍ତି । ଭିଏତନାମ ଭଳି ରାଷ୍ଟ୍ର ଆମେରିକା ଦ୍ରବ୍ୟର ଆମଦାନିକୁ ଶୁଳ୍କ ଶୂନ୍ୟ କରିବାକୁ ମଧ ପ୍ରସ୍ତୁତ । ଜାପାନ, ଯାହା ସେତାକାର କୃଷକମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଅଗ୍ରାଧିକାର ଦେଇଥାଏ, ଆମେରିକାରୁ ଚାଉଳ ଆମଦାନିରେ ୭୫% ବୃଦ୍ଧି ଘଟାବାକୁ ବିଷୟ ଘୋଷଣା କରି ସାରିଲାଣି । ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଆମେରିକା ସହିତ ବାଣିଜ୍ୟ ତୁଲ୍ଟି କରିବାକୁ ମାର୍ଗ ଅନ୍ୱେଷଣ କରୁଛନ୍ତି । ଏଭଳି ଏକ ଅସମାକୁପାତିକ ଂଘାତରେ ଭାରତ ସଂପ୍ରତି ନିଜକୁ ଏକ ଅସହାୟ ସ୍ଥିତିରେ ମଧ ପାଇଥାଏ ! ଭାରତ ସକାଶେ ଉତ୍ପନ୍ନ ଦୁଇ ଚଢ଼ାକ ସମସ୍ୟା ହେଲା ଆମେରିକାରେ ବିକ୍ରୟ ହୋଇ ପାରୁ ନ ଥିବା ଦ୍ରବ୍ୟ ଲାଗି ନୂତନ ବଜାର ସନ୍ଧାନ ଓ ଆମେରିକା ବଜାରରେ ପ୍ରତିଦ୍ୱନ୍ଦ୍ୱୀ ଦେଶ ସକାଶେ ସାମର୍ଥ୍ୟର ଅଭାବ । ଉଦାହରଣ ସ୍ୱରୂପ 'ବ୍ରିକ୍ସ' ମେଂ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକ ଉପରେ ଆମେରିକା ଦ୍ୱାରା ଅତିରିକ୍ତ ତାରିଫ ଲାଗୁ କରାଯିବାର ଧମକ ହୁଏତ ତ୍ୱାଜିଲ୍ଲୁ ବିଶେଷ ବ୍ୟତିବ୍ୟସ୍ତ ଜରି ନ ଥିବ, କାରଣ ତାହା ଆମେରିକାରେ ପ୍ରତ୍ୟାକ୍ଷ୍ୟାତ ଦ୍ରବ୍ୟମାନ ଚୀନରେ ବିକ୍ରୟ କରିବାର ବାତ ପାଇଥିବ, କିନ୍ତୁ ଚୀନ ସହିତ ତିକ୍ତତା ହେତୁ ତାହା ଭାରତ ଲାଗି ଏକ ଦୁରୂହ ବ୍ୟାପାର ହୋଇପାରେ । ସେହି ଭଳି ବିରଳ ମୃତିକା ବା ବିଶେଷ ଗୁଣ ସମ୍ପନ୍ନ ଧୂସର ଯୋଗାଣ କ୍ଷେତ୍ରରେ ଚୀନର ଏକଚ୍ଛତ୍ର ଆଧିପତ୍ୟ ତାକୁ ଅପରାଜେୟ ଭାବେ ଗଢ଼ି ତୋଳିଛି, ଯାହା ପୂର୍ବତୀକୁ ପରିତାକିତ ଜରିବାକୁ ଆମେରିକାକୁ ଏବଂ ଉଚ୍ଚ ଦକ୍ଷତାସଂପନ୍ନ 'ଚିପ୍'ଗୁଡ଼ିକର ପ୍ରସ୍ତୁତି ଲାଗି ସେ ସବୁ ଜଟାମାୟ ରୂପେ ଅତ୍ୟାବଶ୍ୟକ,





ତଲାବିରା ଖଣି-୨ ଓ ୩ ବନ୍ଦ: ଆର୍ଥିକ ସଙ୍କଟରେ ୨୦୦ ଟ୍ରକ୍ ମାଲିକ

ସମାଧାନ ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି



ସମ୍ବଲପୁର,୨୫/୧୧(ନି/ପ): ତଲାବିରା ଚୋରଲା ଖଣି-୨ ଓ ୩ରେ ଖଣି କାର୍ଯ୍ୟ ବନ୍ଦ ରହିବା ଯୋଗୁଁ ପରିବହନ କାର୍ଯ୍ୟ ସହ ଜଡ଼ିତ ଟ୍ରକ୍ ମାଲିକମାନେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଖଣି କାର୍ଯ୍ୟ ସ୍ୱାଭାବିକ କରିବା ସହ ଟ୍ରକ୍ ପାର୍କି, ସ୍ଥାନୀୟ ନିଯୁକ୍ତି, ଜମି ହରାଇଥିବା ପରିବାରଙ୍କ ସମସ୍ୟା ଓ ପରିପାର୍ଶ୍ୱିକ ବିକାଶ ଯୋଜନାର ପ୍ରତିଶ୍ରୁତି ପୂରଣ ଦାବିରେ ମା' ସମଲେଶ୍ୱରୀ ମଲ୍ଟି ୟୁଟୀଲିଟୀ ଭେହିକଲ୍ ୟନର ଏସୋସିଏସନ୍ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛି। ଗତ ୧୧ ନଭେମ୍ବରରୁ ସ୍ଥାନୀୟ ଆନ୍ଦୋଳନ ଯୋଗୁଁ ତଲାବିରା ଚୋରଲା ଖଣି-୨ ଓ ୩ର କାର୍ଯ୍ୟ ବନ୍ଦ ରହିଥିବାରୁ ଏହାର ପରିବହନ ବ୍ୟବସ୍ଥା ଉପରେ ପ୍ରତ୍ୟକ୍ଷ ନିର୍ଭରଶୀଳ ଟ୍ରକ୍ ମାଲିକ ଓ ଚାଳକମାନେ ଜୀବିକା ସଙ୍କଟରେ ପଡ଼ିଛନ୍ତି। ଜମି ହରାଇଥିବା ଗ୍ରାମବାସୀଙ୍କ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ହୋଇନଥିବାରୁ ଆନ୍ଦୋଳନ ଜାରି ରହିଥିବା ଏସୋସିଏସନ୍ ପକ୍ଷରୁ କୁହାଯାଇଛି। ଖଣି ବନ୍ଦ ରହିବା ଫଳରେ ପରିବହନ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ଶହରେ ଗାଡ଼ି ଜିଣ୍ଡିଥିବା ମାଲିକମାନଙ୍କ ପାଇଁ ଜିପ୍ତି ଓ ସୁଧ ପରିଶୋଧ ଏବେ ଚିନ୍ତାର କାରଣ ହୋଇଛି। ଟ୍ରକ୍ ମାଲିକଙ୍କ ଏହି ସମସ୍ୟାକୁ ନେଇ ଏସୋସିଏସନ୍ ପକ୍ଷରୁ ସୋମବାର ସାୟାଦିକ ସମ୍ମିଳନୀରେ ବିସ୍ତୃତ ଭାବେ ଅଭିଯୋଗ ଓ ଦାବି ଉପସ୍ଥାପନ କରାଯାଇଥିଲା। ଏସୋସିଏସନ୍ ଅଧକ୍ଷ ଦେବେନ୍ଦ୍ର ଜିଣ୍ଡୋର ପତି କହିଥିଲେ ଯେ, ଖଣି ଜ୍ୟାନୀ ପକ୍ଷରୁ ବିଭିନ୍ନ ସମୟରେ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହାର ଯଥାର୍ଥ କାର୍ଯ୍ୟକାରିତା ହେଉନାହିଁ। ବିଶେଷକରି ଟ୍ରକ୍ ପାର୍କି ସମସ୍ୟା ଦୀର୍ଘଦିନ ଧରି ରହିଥିବାରୁ ଗାଡ଼ି ମାଲିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ଅନାବଶ୍ୟକ ଜରିମାନା ଦେବାକୁ ପଡୁଛି। ଏନେଇ ବାରମ୍ବାର ଲିଖିତ ଭାବେ ଦାବି ଜଣାଇଥିଲେ ମଧ୍ୟ ଏହା ସ୍ଥାୟୀ ପାର୍କିଂ ବ୍ୟବସ୍ଥା କରାଯାଇନଥିବା ସେ ଅଭିଯୋଗ କରିଥିଲେ। ଏଥିସହ ସିଟିଆର୍ ରୋଡ୍‌ରେ ଥିବା ୮ ଡେସିମିଲ୍ ଜମି ସମ୍ପର୍କିତ ସମସ୍ୟା ମଧ୍ୟ ଦୀର୍ଘଦିନ ଧରି ଅନିଷ୍ପତ୍ତି ଅବସ୍ଥାରେ ରହିଥିବା ଶ୍ରୀ ପତି ଉଲ୍ଲେଖ କରିଥିଲେ। ଏହି ସମସ୍ୟାଗୁଡ଼ିକର ସମାଧାନ ନ ହେବା ଟ୍ରକ୍ ମାଲିକଙ୍କ ଆର୍ଥିକ ଓ ପରିଚାଳନାଗତ ଅସୁବିଧାକୁ ଆହୁରି ବଢ଼ାର ଦେଇଛି। ଖଣି କାର୍ଯ୍ୟ ବନ୍ଦ ଯୋଗୁଁ ଟ୍ରକ୍ ମାଲିକମାନଙ୍କ ବୈନିକ ଆୟ ହ୍ରାସ ପାଇବା ସହ ଆର୍ଥିକ ବାଧିତ୍ୱ ଅଧିକ ଚାପ ସୃଷ୍ଟି କରିଛି। ଟ୍ରକ୍ ଭଡ଼ାର କିସ୍ତି, ସୁଧ, ଗାଡ଼ିର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ଖର୍ଚ୍ଚ ଜାରି ରହିଥିବା ବେଳେ ପରିବହନ କାର୍ଯ୍ୟ ନ ହେବା ମାଲିକମାନଙ୍କ ପାଇଁ ଗଭୀର ଆର୍ଥିକ ଚାପ ସୃଷ୍ଟି କରିଛି। ବୈନିକ ଗୋଡିଏ ଟ୍ରକ ପାଇଁ ଜଣେ ଜଣେ ମାଲିକଙ୍କୁ ପ୍ରାୟ ୭ ହଜାର ଟଙ୍କା କ୍ଷତି ହେଉଥିବା ଦେବେନ୍ଦ୍ର ଜିଣ୍ଡୋର ପତି ପ୍ରକାଶ କରିଥିଲେ। ଏହି ପରିବହନ କାର୍ଯ୍ୟ ସହ ପ୍ରାୟ ୨୦୦ ଟ୍ରକ୍ ମାଲିକ ଓ ୨ ହଜାର ଟ୍ରକ୍ ଜଡ଼ିତ ଥିବା ଏ ସୋସିଏସନ୍ ପକ୍ଷରୁ ଦର୍ଶାଯାଇଛି। ଏହା ସହିତ ୮୦ରୁ ୯୦ ଜଣ ଯୁବକ ଏହି ପରିବହନ ବ୍ୟବସ୍ଥାରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବାରୁ ଖଣି ବନ୍ଦର ପ୍ରଭାବ କେବଳ ଟ୍ରକ୍ ମାଲିକଙ୍କ ମଧ୍ୟରେ ସୀମିତ ନ ରହି ଅନ୍ୟ ଶ୍ରମଜୀବୀଙ୍କ ଉପରେ ମଧ୍ୟ ପଡୁଛି ବୋଲି ଶ୍ରୀ ପତି ପ୍ରକାଶ କରିଥିଲେ। ଏସୋସିଏସନ୍ ସଭାପତି ପଦୁଲୋଚନ ଧର ସ୍ଥାନୀୟ ନିଯୁକ୍ତି, ଜମି ହରାଇଥିବା ପରିବାରଙ୍କ ସୁବିଧା, ପିଡିଏଫ୍‌ଓ ପାରିପାର୍ଶ୍ୱିକ ବିକାଶ ଯୋଜନାରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ସୁଯୋଗ, ମୌଜିକ ସୁବିଧା ଓ ବିକାଶମୂଳକ କାର୍ଯ୍ୟ ଉପରେ ଯଥାର୍ଥ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଜ୍ୟାନୀ ଓ ପ୍ରଶାସନ ମିଳିତ ଭାବେ ଏହି ସମସ୍ୟାଗୁଡ଼ିକର ସମାଧାନ କରି ଖଣି କାର୍ଯ୍ୟ ସ୍ୱାଭାବିକ କରିବା ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏହି ସମସ୍ତ ସମସ୍ୟାର ସମାଧାନ, ଖଣି କାର୍ଯ୍ୟ ପୁନଃଆରମ୍ଭ ଓ ଟ୍ରକ୍ ମାଲିକଙ୍କ ଜୀବିକା ସୁରକ୍ଷା ଦାବିରେ ଏସୋସିଏସନ୍ ପକ୍ଷରୁ ସମଲପୁର ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ଦାଖଲ କରାଯାଇଛି। ଦାବିପତ୍ରରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଜ୍ୟାନୀ, ଆନ୍ଦୋଳନରତ ଗ୍ରାମବାସୀ ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ଆଲୋଚନାର ବାଟ ଖୋଲିବା ସହ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଅନୁରୋଧ କରାଯାଇଛି। ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ୭ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଏସୋସିଏସନ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାୟାଦିକ ସମ୍ମିଳନୀରେ ପିଡାୟର ବିଶ୍ୱାଳ, ସ୍ୱାମାଦଙ୍କ ସରୋଜ କୁମାର ପ୍ରଧାନ, ଭୂଜଭାଷ ବରିହା, ନିତ୍ୟାନନ୍ଦ ବିଶ୍ୱାଳ ମଂତାସୀନ ଥିବାବେଳେ ଜେଶବ ରୋହିବାସ, ପ୍ରକାଶ ବାଶ, ସୁଶାନ୍ତ ପ୍ରଧାନ, ସନ୍ଦୀପ ଶର୍ମାଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

୭ ପଚାଂୟତର ମଣ୍ଡିରେ ଅଚାନକ ଯାଚଂ

ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷାନ ପାଇଁ ଜିଲ୍ଲାପାଳଙ୍କୁ ଦେନାରାୟଣ ଟିୱାରୀଙ୍କ ଦାବିପତ୍ର



ସମ୍ବଲପୁର,୨୫/୧୧(ନି/ପ): ରେଗାଲି ବ୍ଲକ ଛୋନ୍-୨ ଅନ୍ତର୍ଗତ ୭ଟି ଗ୍ରାମ ପଚାୟତର ମଣ୍ଡିରେ ଚାଷୀଙ୍କଠାରୁ ଅଣିଯୋଗିତ ଦେଆଇନ ଜଟନି-ଛଟନି ବନ୍ଦ କରିବା ଦାବିରେ ଜିଲ୍ଲା ପରିଷଦ ସଦସ୍ୟ ଦେନାରାୟଣ ଟିୱାରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲଇଡ଼ା, ରେଗାଲୋଇ, ଜିନାଲୋଇ, ଝାଙ୍କରପାଲି, ଜଡରବଗା, ଡବଡ଼ାବାହାଲ ଓ ଟାମ୍ପରକେଲା ପଚାୟତର ମଣ୍ଡିଗୁଡ଼ିକରେ ଅଚାନକ ଯାଚଂ, ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ, ଧାନର ସଠିକ୍ ଓଜନ ଓ ଚାଷୀଙ୍କୁ ସ୍ପଟ୍ ରସିଦ ପ୍ରଦାନ ସହ ଅନିୟମିତତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷାନ ଦାବି ଜଣାଯାଇଛି। ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଜନକ ବର୍ଦ୍ଧନ ସିଂହଦେଓଙ୍କୁ ମଧ୍ୟ ଲିଖିତ ଦାବିପତ୍ର ଦିଆଯାଇଥିବା ସେ ଜଣାଇଛନ୍ତି। ଦେବଳ ଆଶ୍ୱାସନ ନୁହେଁ, ମଣ୍ଡିରେ ଠୋସ୍ କାର୍ଯ୍ୟାନୁଷାନ ଓ ଚାଷୀଙ୍କ ଧାନର ଉଚିତ୍ ମୂଲ୍ୟ ସୁନିଶ୍ଚିତ କରାଯାଉ ବୋଲି ଦେନାରାୟଣ ଟିୱାରୀ ଦାବି କରିଛନ୍ତି।

ନନ୍ଦପଡାରେ କାର୍ତିକ ଓ ପଟୁଂକ ଉପଲକ୍ଷେ ସାମୂହିକ ଭାଗବତ ପାଠ



ସମ୍ବଲପୁର,୨୫/୧୧(ନି/ପ):ସ୍ଥାନୀୟ ନନ୍ଦପଡାସ୍ଥିତ ବଂ ବରାହ ବାଲୁଙ୍କେଶ୍ୱର ମନ୍ଦିରଠାରେ ପବିତ୍ର କାର୍ତିକ ମାସ ଓ ପଟୁଂକ ଉପଲକ୍ଷେ ଉତ୍ସବାଶୀ ଠିଥିରେ ରବିବାର ସାମୂହିକ ଭାଗବତ ପାଠ ଉତ୍ସବ ଆଧାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ଏହି ଅନୁଷାନରେ ଅରୁଣକାନ୍ତି ମିଶ୍ର ଜର୍ତା ବାୟିତ୍ୱ ବୁଝାଇଥିବାବେଳେ ୧୨୦ ଜଣ ଡ୍ରାଇଙ୍କ ଦ୍ୱାରା ସାମୂହିକ ଭାଗବତ ପାଠ କରାଯାଇଥିଲା। ଏଥିସହ ବାବା ବାଲୁଙ୍କେଶ୍ୱରଙ୍କ ଭୂ ବ୍ର। ଜି ଷେତ୍ର, ହୋମଯଜ୍ଞ, ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ଗୀତାପାଠ ପରେ ପୂର୍ଣ୍ଣାହୁତି ଏବଂ ପ୍ରସାଦ ବଣ୍ଟନ କରାଯାଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଧାର୍ମିକ ସମାରୋହରେ ସହରର ବିଭିନ୍ନ ଅଂଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ ପୁରାଣ ଶ୍ରବଣ କରିଥିଲେ। ନନ୍ଦପଡାବାସୀଙ୍କ ସହ ଚିତ୍ରୋତ୍ପଳା ଯୁବକ ସଂଘ, ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ଓ ଶୀତଳଷଷ୍ଠୀ ଯାତ୍ରା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

ଅମର ଡାଣ୍ଡିଆ ହେଲେ ଏସ୍ ଏସ୍ ସି କର୍ମଚାରୀ ପରିଷଦର ସଭାପତି



ସମ୍ବଲପୁର,୨୫/୧୧(ନି/ପ):ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ, ସମ୍ବଲପୁର ଶାଖାର ସାଧାରଣ ବୈଠକ ସମ୍ବଲପୁର ପ୍ରେସ କ୍ଲବ, ଅଫିଂପାଲିଠାରେ ପୁଜିତ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଡାକ୍ତର ପ୍ରଦୀପ୍ତ ସେଠ ମୁଖ୍ୟ ଅତିଥି ଓ ପୂହଲ୍ଲାଦ ରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ପଦୋନ୍ନତିରେ ଅନିୟମିତତା ଅଭିଯୋଗ ଉଠିଥିବାରୁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ପରିଷଦ ନିଷ୍ପତି ନେଇଥିଲା। ଏହାସହ ଶାଖାର ପୁନର୍ଗଠନ କରାଯାଇ ଅମର ଡାଣ୍ଡିଆ ସଭାପତି, ତେରୁ ପାତ୍ର ଉପସଭାପତି ଓ ଧ୍ରୁବ ଚରଣ ରୋହିଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଅନ୍ୟ ସମ୍ପାଦକ ଓ ଅଡିଟରଙ୍କ ସହ ୨୫ ଜଣ ସଦସ୍ୟ ମଧ୍ୟ ମନୋନୀତ ହୋଇଥିଲେ। ବୈଠକରେ ବଦି ସୁନାଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଧ୍ରୁବ ଚରଣ ରୋହିଦାସ ଧନ୍ୟବାଦ ଦେଇଥିଲେ। ଏହାସହ ଶାଖାର ପୁନର୍ଗଠନ କରାଯାଇ ଅମର ଡାଣ୍ଡିଆ ସଭାପତି, ତେରୁ ପାତ୍ର ଉପସଭାପତି ଓ ଧ୍ରୁବ ଚରଣ ରୋହିଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।

'ସେତୁ' ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶଙ୍କ ୨୭ତମ ସ୍ମାରକୀ ବକ୍ତୃତାମାଳା ଆୟୋଜିତ



ସମ୍ବଲପୁର,୨୫/୧୧(ନି/ପ): ସତ୍ୟକୁ ଭଲପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଗାନ୍ଧୀ ରହିଛନ୍ତି। ଏଥିପାଇଁ ଗାନ୍ଧୀଙ୍କ ଆଦର୍ଶର ପ୍ରାସଙ୍ଗିକତା ସବୁ କାଳରେ ରହିଛି ବୋଲି ଉତରାଚଂଳ ରାଜସ୍ୱ କମିସନର ସଂସ୍ତାମ କେଶରୀ ମହାପାତ୍ର କହିଛନ୍ତି। ସମ୍ବଲପୁରର ଅଗ୍ରଣୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ଆୟୋଜିତ ପ୍ରଫେସର ଘନଶ୍ୟାମ ଦାଶଙ୍କ ୨୭ତମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ବର୍ତ୍ତମାନର ଯୁବଗୋଷ୍ଠୀ ଅତ୍ୟଧିକ ବସ୍ତୁବାଦୀ ହୋଇ ମାନବୀୟ ମୂଲ୍ୟବୋଧକୁ ଅବହେଳା କରୁଥିବା ବେଳେ ନ୍ୟାୟ, ସତ୍ୟ ଓ ଅହିଂସା ଭଳି ମୂଲ୍ୟବୋଧ ସାମାଜିକ ସ୍ଥିରତା ଓ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର 'ପୁନଶ୍ଚ ଗାନ୍ଧୀ କଥା' ବିଷୟରେ ଆଲୋଚନା କରି ଗାନ୍ଧୀଙ୍କ ଚିନ୍ତାଧାରା ଆଜି ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ବୋଲି କହିଥିଲେ। ଗାନ୍ଧୀ ଡିନୋଟି ମହାବେଶର ଉପାଦାନରେ ନିଜକୁ ଗଢ଼ିଥିଲେ ଏବଂ ତାଙ୍କ ଦର୍ଶନରେ ସଭ୍ୟତାର ସଂଘର୍ଷ ଅପେକ୍ଷା ସଭ୍ୟତାର ସଙ୍ଗମର ସ୍ୱର ଅଧିକ ତୀବ୍ର ଥିଲା। ମଣିଷ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ବୋଲି ଗାନ୍ଧୀ ବିଶ୍ୱାସ କରୁଥିଲେ। ସୁରାଜ କେବେ ସ୍ୱରାଜର ବିକଳ୍ପ ହୋଇପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରକୃତିକୁ କ୍ଷତି ନପହଂଚାଇ ଶିକ୍ଷାୟନ, ମହିଳା ସଶକ୍ତିକରଣ ଓ ସମାଜର ନୈତିକ ଉନ୍ନତି ଭଳି ବିଭିନ୍ନ କ୍ଷେତ୍ରରେ ଗାନ୍ଧୀଙ୍କ ଚିନ୍ତାଧାରାର ଗୁରୁତ୍ୱ ଆଜି ମଧ୍ୟ ରହିଛି। ସେ ରାଜନୀତିକୁ ଭୟ କରୁନଥିବା ଜଣେ ସନ୍ଥ ଥିଲେ। କୌଣସି ପଦପଦବୀରେ ନଥାଇ ମଧ୍ୟ ରାଜନୈତିକ ନେତୃତ୍ୱଦ୍ୱୟଙ୍କ ଉପରେ ତାଙ୍କର ଗଭୀର ପ୍ରଭାବ ରହିଥିଲା। ବିଭିନ୍ନ ଉଦାହରଣ ଦେଇ ସେ ନିଜର ମତ ଉପସ୍ଥାପନ କରିଥିଲେ। 'ସେତୁ' ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା। ସମ୍ପାଦକ ହରିନାରାୟଣ ପଣ୍ଡା ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ଡ. କାମଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଡ. ସିଦ୍ଧାର୍ଥ ପଣ୍ଡା ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ଏକ୍ସିପ୍ତ ସୂଚନା ଦେଇଥିଲେ। ସଭାର ଶେଷ ପର୍ଯ୍ୟାୟରେ ସଦସ୍ୟ ଡ. ଚ୍ୟାରାଜାଙ୍କ ଠାରୁର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଫସୋଜନା କରିଥିଲେ। ଆଶୀଷ ଚନ୍ଦ୍ର ଭୋଇ, ଡ. ପ୍ରସନ୍ନ କୁମାର ମିଶ୍ର, ସତ୍ୟପ୍ରିୟା ହୋତା, ସୁଚିତ ମିଶ୍ର, ପ୍ରମୋଦ କୁମାର ମିଶ୍ର ଓ ସୌମିକ ବାହୁ ପ୍ରମୁଖ ଏଥିରେ ଭାଗ ନେଇଥିଲେ। ସଭା ପ୍ରାରମ୍ଭରେ ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଜାତ ଜର, ବିବ୍ୟାର୍ଣ୍ଣ ପଣ୍ଡା ଓ ସୁବ୍ରତ ପଟ୍ଟନାୟକ ପ୍ରମୁଖ ସଭା ଆୟୋଜନରେ ସହଯୋଗ କରିଥିଲେ।

ପଟୁଂକ ଅବସରରେ ଶ୍ରୀଜିଉଙ୍କ ତ୍ରିବିକ୍ରମ ବେଶ

ଜୟପୁର,୨୫/୧୧(ନି/ପ): ପବିତ୍ର କାର୍ତିକ ମାସର ପଂଚୁକ ଅବସରରେ କୋରାପୁଟ ଜିଲ୍ଲା ଜୟପୁର ଉତ୍ସବ ମୁଖର ହୋଇଛି । ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀ ଜିଉଙ୍କୁ ତ୍ରିବିକ୍ରମ ବେଶରେ ସଜ୍ଜିତ କରାଯାଇଛି ।ସ୍ୱତନ୍ତ୍ରଆକର୍ଷି, ଭୋଗଲାଗି କରାଯାଇଥିବା ବେଳେ ଶ୍ରୀଜିଉଙ୍କୁ ଦେଖିବା ପାଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଛି । ଙ୍କୀର୍ତନ ମଣ୍ଡଳିଙ୍କ ହରି ନାମ ଭଜନରେ ପରିବେଶ ମୁଖରିତ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି ।

ସାତଦଫା ଦାବିରେ ରାମନାଗୁଡ଼ା ବ୍ଲକ୍‌ର ୧୫୨ ଟି ଅଙ୍ଗନଓ୍ୱାଡି କେନ୍ଦ୍ରରେ ଝୁଲିବ ତାଲା !



ରାମନାଗୁଡ଼ା,୨୫/୧୧(ନି/ପ):ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ୍‌ର ୧୫୨ ଟି ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆଜି ଠାରୁ ସାତ ଦଫା ଦାବି ନେଇ ଝୁଲିବ ତାଲା। ପ୍ରାୟ ୩ ହଜାର ୬ ଶହ ଶିଶୁ ମାନେ ପ୍ରାକ ଶିକ୍ଷା, ପୁଷ୍ଟିକର ଖାଦ୍ୟରୁ ବଂଚିତ ହେବା ବେଳେ ୩ ଶହ ୯୨ ଜଣ ଗର୍ଭବତୀ ମହିଳା ପୋଷଣରୁ ବଂଚିତ ହେବେ ବୋଲି ଜଣାପଡିଛି । ଭାରତ ଅଙ୍ଗନଓ୍ୱାଡି କର୍ମୀ ମାନେ ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତୀୟ ମଜଦୁର ସଙ୍ଘ ଦ୍ୱାରା ପରିଚାଳିତ ହେଉଥିବା ଅଲ୍ ଓଡିଶା ଭେଡିଜ୍ ୱାର୍କରସ୍ ଆସୋସିଏସନ୍ ପକ୍ଷରୁ ଚଳିତ ମାସ ୨୩ ତାରିଖରେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମକି ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନର ଶୁଭାରମ୍ଭ କରାଯିବ ଏବଂ ନଭେମ୍ବର ୨୫ ତାରିଖ ଠାରୁ ରାମନାଗୁଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି ସମ୍ପାଦିକା ଜୟନ୍ତୀ ଗୋମାଙ୍ଗ ଜଣାଇଛନ୍ତି ।ଏଥିରେ ସମସ୍ତ ଅଙ୍ଗନଓ୍ୱାଡି କର୍ମୀ, ସହାୟିକା ଏକମତ ହୋଇ ବାଦି ପୂରଣ ନ ହେବା ଯାଏଁ କେନ୍ଦ୍ର ଖୋଲିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ସମ୍ବନ୍ଧିତ ଶିଶୁ ବିକାଶ ସେବା ଯୋଜନା ଅଧୀନରେ କାର୍ଯ୍ୟରତ ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକାମାନଙ୍କୁ ନିୟମିତ କର୍ମଚାରୀ ଭାବେ ମାନ୍ୟତା ପ୍ରଦାନ କରାଯାଉ ଯେ ପର୍ଯ୍ୟନ୍ତ କର୍ମଚାରୀ ମାନ୍ୟତା ପ୍ରଦାନ କରାଯାଇନାହିଁ, ସେ ପର୍ଯ୍ୟନ୍ତ ଅଙ୍ଗନଓ୍ୱାଡି କର୍ମୀଙ୍କୁ ମାସିକ ୩୦,୦୦୦/- ଟଙ୍କା ଏବଂ ସହାୟିକାଙ୍କୁ ମାସିକ ୧୫,୦୦୦/- ଟଙ୍କା ପାରିଶ୍ରମିକ ପ୍ରଦାନ ଓ ମାତ୍ୟବର ଭତ୍ତେଦମ ନ୍ୟାୟାଳୟଙ୍କ ରାୟ ଓ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକାମାନଙ୍କୁ ଗ୍ରାଚୁଇଟି ପ୍ରଦାନ କରିବା ଏଥିସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ଅବସରକାଳୀନ ଆର୍ଥିକ ସହାୟତା ନିମନ୍ତେ ଅଙ୍ଗନଓ୍ୱାଡି କର୍ମୀଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ସହାୟିକାଙ୍କୁ ୫ ଲକ



ଉତ୍କଳ ସାଂସ୍କୃତିକ ପରିଷଦର ୩୬ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ



ରାଉରକେଲା,୨୫/୧୧(ନି/ପ୍ର): ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦର ୩୬ତମ ବୋଇତ ବନ୍ଦାଣ ଉତ୍ସବ ତଦ୍ଦିନ ନଭେମ୍ବର ୨୨ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ସେକ୍ଟର-୨ ବୁର୍ତ୍ତା ପୂଜା ପଡ଼ିଆ ଠାରେ ଆୟୋଜିତ ଅନୁଷ୍ଠାନର ଅଧକ୍ଷ ସୁନୀଲ ଜାୟଲ, ସଭାପତି ରଣ୍ଜିତ ସାହାଣୀ, ସମ୍ପାଦକ ଶଙ୍କର ରଜନୀଙ୍କ ଆବାହକତ୍ୱ, ମୁଖ୍ୟ ଉଦ୍ୟୋକ୍ତା ଜୁନ ବିହାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ୨୨ ତାରିଖ ଦିନ ଉଦ୍ଘାଟକ ଭାବେ ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ବୁର୍ତ୍ତାଚରଣ ତନ୍ତୀ,ମୁଖ୍ୟଅତିଥି ଭାବେ ଆଜି ବିଧାୟକ ପ୍ରତାପ କୁମାର ଦେବ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରା ଓ ଗୃହନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର, ସମାଜସେବୀ ପ୍ରଫୁଲ୍ଲ ସୁନ୍ୟାନୀ ପ୍ରମୁଖ ଯୋଗଦେଇଥିଲେ ।ସେହିପରି ଦ୍ୱିତୀୟ ଦିବସରେ ରେଡ଼ାଖୋଲର ବିଧାୟକ ଙ୍କ ରୋହିତ ପୂଜାରୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନା ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ତପନ ଜି ଜାନେକର, ଆରଏସପିର ସିଜିଏମ ହୀରାଲାଲ ମହାପାତ୍ର ପ୍ରମୁଖ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଓଡ଼ିଶାର ଐତିହ୍ୟ ପରମ୍ପରା, ଜାରିଗିରୀ, କୌଶଳ ଓ ଗୌରବର ଇତିହାସ ସମ୍ପର୍କରେ ତଥା ଅନୁଷ୍ଠାନର ଏହି ଯାତ୍ରା ପାଇଁ ସାଧୁବାଦ ଦେଇଥିଲେ । ଏହି ଅବସରରେ ସାମାଜିକ ସଂଗ୍ରାମ କେଶରୀ ଭୂୟାଁ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ୨୨ ତାରିଖ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡର ନାୟିକା ପ୍ରିୟଙ୍କା, ପଶ୍ଚିମ ଓଡ଼ିଶା ଜଷ୍ଟିଜ୍ଞୀ ନୀଲ ସାଗର, ସୁନ୍ଦା ପଲ୍ଲା ଓ ଆଡ୍ଡାକ୍ଲନ ଲାଇଭ ବ୍ୟାଣ୍ଡ ଓ ୨୩ ତାରିଖ ଦିନ ବଲିଉଡ୍ ଜଷ୍ଟିଜ୍ଞୀ ପାମେଲା ଜୈନ୍, ଏମ୍ ଡି ନାସିର, ଢେଉ ଝୁଲଦୀପ, ସିନେ ଅଭିନେତ୍ରୀ ଦେବସ୍ମିତା ଓ ଜଟଙ୍କର ନିୟୁ ଗୀତ୍ ସାଗର ମନୋରଞ୍ଜନ କାର୍ଯ୍ୟକ୍ରମରେ ଦର୍ଶକଙ୍କୁ ସମ୍ମୋହିତ କରିଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ ସାହାଣୀ ସ୍ୱାଗତ ଭାଷଣ, ସମ୍ପାଦକ ଶ୍ରୀ ରଜନୀ ସମ୍ପାଦକୀୟ ବିବରଣୀ, ମୁଖ୍ୟ ଉଦ୍ୟୋକ୍ତା ଶ୍ରୀ ଦାସ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସହିତ ସାମାଜିକ ଓ ସାଂସ୍କୃତିକ ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନୀଳାୟଲ ପୁହାଣ, ଦେବେନ୍ଦ୍ରନାଥ ସାମନ୍ତରାୟ, କପିଳେଶ୍ୱର ମହାରଣା, ବିଶ୍ୱରଂଜନ ବେହୁରା, ବିରେନ୍ଦ୍ର ସାଣ୍ଡ, ଆଦିତ୍ୟ ବାରିକ ପ୍ରମୁଖ ମାନ୍ୟଗଣ୍ୟ ଥିଲେ । କାର୍ଯ୍ୟକ୍ରମରେ କ୍ଷୋଭ୍ପାମୟୀ ସାହୁ, ମୋନାଲିସା ସାହୁ ଓ ମୋନାଲିସା ଗୌଡ଼ ମଂଚ ଫଂୟୋଜନା କରିଥିଲେ । ସେହିପରି ଆଜି ଶତାଧିକ ମହିଳା ଏକ ଡିଜାଇନର ଶାଢୀ ପିନ୍ଧି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇ ଜୋଏଲ ନଦୀରେ ଡ଼ଙ୍ଗା ଭସାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗାୟତ୍ରୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଗଣେଶ ରାଉତ, ରବି ବାରିକ, ସଞ୍ଜୟ ପ୍ରଧାନ, ଅରୁ ମହାପାତ୍ର, ଜାର୍ଜିକ ଖଣ୍ଡୁଆଳ, ଆଲୋକ ବାରିକ, ଜଗତ ସାହୁ, ମିଟିର ମାଝୀ, ଗୋପାଳ ଦାସ, ଭୀମସେନ ଛତ୍ରିଆ,ବିଦ୍ୟାଧର ସେଠୀ, ପ୍ରକାଶ ପ୍ରଧାନ, ଉମା ସାହୁ, ପବିତ୍ର ସାହୁ, ଜୟପ୍ରକାଶ ମହାନ୍ତି, ପ୍ରଭାତ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧକ୍ଷ ଶ୍ରୀ ଜାୟଲ ଧନ୍ୟବାଦ ଅର୍ପଣ କରିଥିଲେ ।

ସହର ସେବା ସମିତିର ବାର୍ଷିକ ଉତ୍ସବ ଓ ସଂଗୀତ ସନ୍ଧ୍ୟା ଅନୁଷ୍ଠିତ



ରାଉରକେଲା,୨୫/୧୧(ନି/ପ୍ର): ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ସହର ସେବା ସମିତିର ବାର୍ଷିକ ଉତ୍ସବ ଓ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର-୨ ସ୍ଥିତ ସେହେନାର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଆଲୋଚନାଚକ୍ରରେ ଆଲୋଚ୍ୟ ପ୍ରସଙ୍ଗ ସାମ୍ପ୍ରତିକ ସ୍ଥିତି ଓ ବେଶର ହିତଜନ୍ତେ ଯୁବ ଛାତ୍ରଙ୍କ ପାଇଁ ଉପଯୁକ୍ତ ରାଜନୀତି ଶିକ୍ଷା ବେଦେ ଜରୁରୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନ ର ଆବାହକ ତଥା ମ୍ୟାନେଜିଂ ଟ୍ରଷ୍ଟି ଶୈଳେନ୍ଦ୍ର ମହାଲିଙ୍କ ଆବାହକତ୍ୱ ଓ ଅତିଥ ପୁଜାରୀ ଙ୍କ ଫଂୟୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ବିଶ୍ୱରଂଜନ,ବିଜେ ପବ୍ଲିକେସନ ର ପ୍ରକାଶକ ବିଜୟ କୁମାର ମହାପାତ୍ର, ପ୍ରଫେସର ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜର ମତ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ , ତଥା ସମ୍ପ୍ରତି ଅଧକ୍ଷାଂଶ ନେତା ସରକାର କଣ, ରାଜନୀତି କଣ,ବେଶ କଣ ଜାଣନ୍ତି ନାହିଁ । ଭଲ ଲୋକ ନ ଆସିଲେ ଭଲ ରାଜନୀତି ହୋଇପାରିବ ନାହିଁ ବୋଲି କହିଥିଲେ । ବିଷୟ ବିଶେଷଜ୍ଞ ତାଙ୍କ ବକ୍ତବ୍ୟରେ କହିଲେ ଯେ ସାଧାରଣ ବର୍ଗର ଲୋକଙ୍କ ପାଇଁ ଜାମ ନାହିଁ ତ ବଦମା ନାହିଁ । ମାତ୍ର ଲୋକସଭା ଓ ବିଧାନସଭା ରେ ନେତାଙ୍କ ଚରିତ୍ର ସମସ୍ତେ ଦେଖୁଛନ୍ତି । ଜିଆଇସି ଜିଭିଆଇସି ସଂଗଠନର ଏକ ଜଳଜିତ ଅଧ୍ୟାୟ । ସମ୍ପ୍ରତି ଜେନ ଜି ପ୍ରଶ୍ନ ପତାକିରା ଆରମ୍ଭ କରିଛନ୍ତି । ସେହିପରି ଆମ୍ଭାର ଉତ୍କର୍ଷତା ପାଇଁ ସଂଗାଚ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଜନଜାଗରଣ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଆଲୋଚକ ଡ଼ଃ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଜେନ ଜି ସର୍ବୋତ୍କୃଷ୍ଟ ଉଦାହରଣ ଓଡ଼ିଶା ତଥା ବାଢି ରାଉତ ର ଉଦାହରଣ ଦେଇଥିଲେ । ସମ୍ମାନିତ ଅତିଥି ପ୍ରକାଶକ ଶ୍ରୀ ମହାପାତ୍ର ଜେନ ଜି ମାନଙ୍କୁ ମାର୍ଗଦର୍ଶନ କରାଇବା ଆମ୍ଭମାନଙ୍କର ଦାୟିତ୍ୱ ହେବା ଦରକାର ବୋଲି ମତ ରଖିଥିଲେ ।

ରାଉରକେଲାରେ ଏଆଇ ଫଟୋ ଅପବ୍ୟବହାର ମାମଲାରେ ୨ ଗିରଫ



ରାଉରକେଲା,୨୫/୧୧(ନି/ପ୍ର): ସେକ୍ଟର-୧୯ ଥାନା ପୁଲିସ ଜଣେ ଯୁବତୀଙ୍କ ଫଟୋକୁ ଏଆଇ ଦ୍ୱାରା ଏଡିଟ୍ କରି ଅଶ୍ଳୀଳ ଫଟୋ ତଳାର ସୋସିଆଲ୍ ମିଡିଆରେ ପ୍ରଚାର କରିବା ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ଅଭିଯୋଗକାରିଣୀ ଜାସିକା ଦୀପ୍ (୨୧) ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ବିନା ଅନୁମତିରେ ତାଙ୍କ ଫଟୋକୁ ବ୍ୟବହାର କରି ନକଲି ଏଆଇ ଅଶ୍ଳୀଳ ଫଟୋ ତିଆରି କରାଯାଇଛି । ସେହି ଫଟୋକୁ ବିଭିନ୍ନ ଭଳି ଟ୍ରେଲ୍ ପିନ୍ଧା ଅବସ୍ଥାରେ ଦେଖାଇ ନକଲି ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ ପ୍ରଚାର କରାଯାଇଥିଲା । ଏଥିପାଇଁ ସେ କେବେ ଅନୁମତି ଦେଇ ନଥିଲେ ବୋଲି ସେ କହିଛନ୍ତି ।ଏହି ଅଭିଯୋଗ ଆଧାରରେ ସେକ୍ଟର-୧୯ ଥାନାରେ କେସ୍ ନଂ-୨୧୦, ତା ୦୩.୧୦.୨୦୨୬ ରୁଜୁ ହୋଇଥିଲା । ମାମଲାରେ ବିଏନ୍‌ଏସ୍ ଧାରା ୬୬ / ୭୯ / ୩୩୬(୪) / ୩୪୦(୨)/ ୩(୫) ସହ ଆଇଟି ଆକ୍ଟ ଧାରା ୬୭(ଇ)/୬୭ ଲାଗିଛି । ତଦନ୍ତ ପରେ ପୁଲିସ ଗଙ୍ଗାଧରପଲ୍ଲୀ, ଲକ୍ଷ୍ମୀ ମାର୍କେଟ୍, ଆର.ଏନ୍ ପଲ୍ଲୀ, ରାଉରକେଲାର ବାଦୁ ଖାଁ (୩୭) ଏବଂ ସାହିଦ୍ ଖାଁ (୧୯) ଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ଓପୋ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ରାଉରକେଲା ଏସପି ନିଚେଶ ଧ୍ୱ।ଧଡ଼ୀନୀଙ୍କ ନିର୍ଦ୍ଦେଶ ଓ ସେକ୍ଟର ୧୯ ଥାନା ପ୍ରଭାରୀ ବେବିନ୍ୟବାସ ସାହୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ମନୋରଞ୍ଜନ ପରିଡା ଓ କମ୍ପ୍ୟୁଟର ଚାଳକ ବୁଦ୍ରାବିତ୍ୟ ପାତ୍ରଙ୍କ ସହାୟତା ରେ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଛି ।ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ଇତିହାସ ଯାଂଚ କରାଯାଇଛି ବୋଲି ପୁଲିସ କହିଛି ।

ସୁନାବେଡ଼ା ସ୍ନେହୀ ସମାଜର ୩୮ତମ ବାର୍ଷିକ ଉତ୍ସବ ପାଳିତ

ଜୟପୁର,୨୫/୧୧: ଝୋରାପୁଟ ଜିଲ୍ଲା ସୁନାବେଡ଼ା ଲକ୍ଷ୍ମୀ ମଣ୍ଡପ ଠାରେ ସ୍ନେହୀ ସମାଜ ତରଫରୁ ବୋରଟବସନ୍ତ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝୋରାପୁଟରୁ ବୁର୍ସେ।ଧାନ ବେହେରା , ବାମନଯୋଡ଼ିରୁ ସମ୍ମାନିତ ଅତିଥି ଭାବରେ ଡଃ ନରେଶ ଚନ୍ଦ୍ର ସାହୁ ଓ ଖୋର୍ଦ୍ଧା ରୁ ଜଗାହାର ଲାଲ ସୁଜୁକି ଓ ସେମିଜିସ୍ତୁତା ରୁ ଚରଣ ସାହୁ ଯୋଗ ଦେଇ ମହାପ୍ରଭୁ ଜଗନ୍ନାଥ ନିକଟରେ ଦୀପ ପ୍ରଜ୍ୱଳନ ଓ ବୋଇତ ବନ୍ଦାଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ଓ ସାଧବ ପୁଅ ମାନଙ୍କ ନୌକାଶିଳ୍ପ ପରମ୍ପରାର ରୋମନ୍ଥନ କରିବା ସହ ସ୍ନେହୀ ସମାଜ ପ୍ରତିଷ୍ଠା ଠାରୁ ଏଯାବତ୍ ଯେଉଁ ସବୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି ସେବିଷୟରେ ଆଲୋକପାତ କରିଥିଲେ । ଅଶ୍ୱିନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ସ୍ନେହୀ ସମାଜ ର ସମ୍ପାଦକ ଜିତେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ନିକଟରେ ଅନୁଷ୍ଠିତ ହେଇଥିବା ରକ୍ତଦାନ ଶିବିରରେ ସମସ୍ତ ସଭ୍ୟଙ୍କ ଆଗ୍ରହର ଭୂୟାୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଢେଙ୍କି ସବୁ ଜନହିତକର କାର୍ଯ୍ୟ କରିବାର ଯୋଜନା ଉପସ୍ଥାପନ କରିଥିଲେ । ଗୋପାଳ ପୃଷ୍ଠି ଓ ଗଣେଶ ଚନ୍ଦ୍ର ସାହୁ ମଂଚ ଫଂୟୋଜନା କରିଥିଲେ । ଏହି ଜାର ?୪ଏକ୍ରମ ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ମିଉଜିକ ଚେୟାର ପ୍ରତିଯୋଗିତା ଓ ଗୃହିଣୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଅଳଙ୍କାର ଦୋକାନରୁ ଚୋରି ମାମଲା: ୧ଗିରଫ, ସୁନା ଓ ରୂପା ଅଳଙ୍କାର ଜବତ



ରାଉରକେଲା,୨୫/୧୧(ନି/ପ୍ର): ୨୦୨୬ ଫେବ୍ରୁଆରୀ ୨୫ ଓ ୨୬ ରାତିରେ ରାଉରକେଲା ଝିରପାଣିରେ ଏକ ଅଳଙ୍କାର ଦୋକାନରୁ ହୋଇଥିବା ଚୋରି ମାମଲାରେ ଝିରପାଣି ପୋଲିସ ସଫଳତାର ସହ ଚିହ୍ନଟ କରି ଜଣେ ଅଭିଯୁକ୍ତକୁ ଗିରଫ କରିବା ସହିତ ସୁନା ଓ ରୂପା ଅଳଙ୍କାର ଜବତ କରିଛି । ପୋଲିସର ସୂଚନା ଅନୁସାରେ ୨୦୨୬ ଫେବ୍ରୁଆରୀ ୨୬ ତାରିଖ ଦିନ ୧୨ଟା ୧୦ ସମୟରେ ଅଭିଯୋଗକାରୀ ଝିରପାଣିର ପ୍ରଦୀପ କୁମାର ଲେଙ୍କା (୪୧) ଝିରପାଣି ଥାନାରେ ଅଭିଯୋଗ କରିଥିଲେ ଯେ ଗତ ତା ୨୫.୦୨.୨୦୨୬ ରାତି ୯ଟାରେ ସେ ତାଙ୍କର ଅଳଙ୍କାର ଦୋକାନ ବନ୍ଦ କରିଦେଇଥିଲେ ଏବଂ ୨୬.୦୨.୨୦୨୬ ସକାଳ ପ୍ରାୟ ୧୦ଟା ସମୟରେ ସେ ଦୋକାନରୁ ଦୋକାନ ଖୋଲିବା ସମୟରେ ଦେଖିଥିଲେ ଯେ ଜଣେ ଅଜଣା ଅପରାଧୀ ତାଙ୍କ ଦୋକାନରେ ଗ୍ୟାସ କଟର ବ୍ୟବହାର କରି ସହଣା ଦୋକାନ ଜାଲୁର ଗାତ ଖୋଳି ପ୍ରବେଶ କରି ପ୍ରାୟ ୫୦୦ ଗ୍ରାମ ଓଜନର ସୁନା ଅଳଙ୍କାର ସହିତ ପ୍ରାୟ ୧୫ କିଲୋ ରୂପା ଅଳଙ୍କାର ଚୋରି କରିନେଇଛି । ଅଭିଯୋଗାରୀଙ୍କ ତଥ୍ୟ ଅନୁଯାୟୀ ଝିରପାଣି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ବିଭିନ୍ନ ବୈଷୟିକ ପ୍ରମାଣ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ସମୟରେ ଏହି ମାମଲାରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ସେଥିଭିତ୍ତୁ ଜଣେ ଅଭିଯୁକ୍ତ ହେଉଛନ୍ତି ଝାଡଖଣ୍ଡ ସାହେବଗଞ୍ଜ ଜିଲ୍ଲାର ରାଧାନଗର ଥାନା ଅନ୍ତର୍ଗତ ମଧ୍ୟ ପିୟାରପୁର ଗ୍ରାମର ସବନୁଲ ସେଖ୍ ଓରଫ୍ ସୟାବ ଇସଲାମ (୩୧) ଏବଂ ପଶ୍ଚିମବଙ୍ଗ ମାଲଦା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ନେତୁନ ଟିଙ୍ଗାରିଆ ଗ୍ରାମର ରବି ମଣ୍ଡଳ ଓରଫ ଉଜ୍ଜଳ ମଣ୍ଡଳ ସମାନ ଅଳଙ୍କାର ଦୋକାନ ଚୋରି ମାମଲାରେ ପ୍ରଥମ ପୋଲିସ ଏବଂ ବିହାରର ଆରାରିଆ ପୋଲିସ ଦ୍ୱାରା ଗିରଫ କରାଯାଇଛି । ଏହି ମାମଲାରେ ସେମାନଙ୍କୁ ଜିମାଣ୍ଡରେ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୋଲିସ ପକ୍ଷରୁ ଅନ୍ୟାନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି ବୋଲି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିଚେଶ ଧ୍ୱାଧ୍ୱାନୀ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ଝିରପାଣି ଥାନା ଆଇଆଇସି ପ୍ରତିଭା ମଞ୍ଜରୀ ସାହୁ, ଏସ୍‌ଆଇ ଶେଖ୍ ଆଜୁଦ୍ଦିନ ଏବଂ ଏଏସ୍‌ଆଇ ଲଲନ ସେଠୀ। ମାମଲାରେ ଗୋଟିଏ ଉଗଡଂଗୀ ମାଲଦା ଲିଖିତ ଥିବା ଏକ ଅକ୍ଟିଜେନ ଗ୍ୟାସ ସିଲିଣ୍ଡର, ଦୁଇଟି ସଂଖ୍ୟାର ଲୁହା ଜ୍ରୋ ବାର,ଗୋଟିଏ ଲାଇନମ୍ୟାନ୍ ପ୍ଲାସ୍, ଗୋଟିଏ ଲୁହା ଆଡଜଷ୍ଟେବଲ୍ ରେଂଚ୍, ଗୋଟିଏ ଗ୍ୟାସ୍ ଜଳି ବତ୍ତୀ ପାଇପ୍, ଗୋଟିଏ ବଗ୍ଜ ଜଲ୍ଲେକ୍ଟର୍ ଲେଖାଥିବା ବ୍ୟାଗ୍, ଘଟଣା ଘଟିଥିବା ଝିରପାଣିର ମା ତାରିଣୀ କୁଏଲରୀ ଦୋକାନର ଘଟଣାସ୍ଥଳରୁ ଜବ୍ତ୍ତା ଆଗ୍ରୀ ଷ୍ଟ୍ରେ ପମ୍ପ ଏବଂ ସେଥିରେ ବହୁତ ଲେଖାଥିବା ବ୍ୟାଗ୍ ଜବତ କରାଯାଇଛି । ଅଭିଯୁକ୍ତ ମହମ୍ମଦ ଆଝାର ଅଲିଙ୍କ ଠାରୁ ଗୋଟିଏ ଯୋଡ଼ା ସୁନା ଜାନ ରିଙ୍ଗ୍, ଦୁଇଟି ସୁନା ଆଙ୍ଗୁଠି ମୁଦି, ଗୋଟିଏ ଇଅର୍, ଚିନି ଯୋଡ଼ା ରୂପା ପାଉଁଜି, ଚାରିଟି ରୂପା ଆଙ୍ଗୁଠି ମୁଦି, ତିନିଟି ରୂପା ଚେନ୍, ଗୋଟିଏ ରୂପା ଜଙ୍କଣ, ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ପୋଲିସର ତଦନ୍ତ ସମୟରେ ଜଣାପଡିଥିଲା ଯେ, ଅଭିଯୁକ୍ତମାନେ ଅନ୍ୟ ରାଜ୍ୟର ଅପରାଧିକ କାର୍ଯ୍ୟକଳାପରେ ମଧ୍ୟ ସମ୍ପୃକ୍ତ । ଅନ୍ୟ ରାଜ୍ୟର ସମ୍ପୃକ୍ତ ପୋଲିସ ଷ୍ଟେସନ୍ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ସେମାନଙ୍କର ଅପରାଧିକ ପୂର୍ବାପରୋଳକନ ଯାଂଚ କରାଯାଇଛି । ଏହା ନିଶ୍ଚିତ ହୋଇଛି ଯେ, ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ବିଭିନ୍ନ ରାଜ୍ୟର ଅଳଙ୍କାର ଦୋକାନରୁ ଅନେକ ଚୋରି ମାମଲାରେ ସମ୍ପୃକ୍ତ ଅଛନ୍ତି ।

ଆନ୍ତରାଜ୍ୟ ଚୋରି ଦଳରେ ୭ ଅଭିଯୁକ୍ତଙ୍କ ସମ୍ପୃକ୍ତି

କାର୍ତ୍ତିକ ପୂର୍ଣ୍ଣିମାରେ ଧବଳେଶ୍ୱର ମହାଦେବଙ୍କୁ ଦର୍ଶନ କଲେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ



ରାଉରକେଲା,୨୫/୧୧(ନି/ପ୍ର): ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ ଶୈବ ପୀଠ ଭାବେ ପରିଚିତ ବେଓଗାଁ ସ୍ଥିତ ଧବଳେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଆଜି ଭୋରୁ ମନ୍ଦିରର ମୁଖ୍ୟ ପୂଜକ ବିଚାଂଚି ନାରାୟଣ ବେହୁରା ସମସ୍ତ ନୀତି କାର୍ଯ୍ୟ ଶେଷ କରି ମହାଦେବଙ୍କୁ ସକାଳ ଆଳତୀ ଓ ଭୋଗ ଅର୍ପଣ କରିଥିଲେ । ମନ୍ଦିର ନିକଟରେ ଚାହୁଣୀ ନବୀ ପ୍ରତାହିତ ହେଉଥିବାରୁ ଅତି ଭୋରୁ ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ଦେବା ଦିପ,ନୈବେଦ୍ୟ ଅର୍ପଣ ସହ ଡଙ୍ଗା ଭସାଇ ଜହିଥିଲେ ଆ ଜା ମା ଙ୍ଗି, ପାନଗୁଆ ଥୋଇ, ପାନ ଗୁଆ ଚୋର, ମାସଜ ଧରମ ମୋର । ପରେ ପରେ ମନରେ ପଡିତ୍ତ ଭାବ ରଖି ହଜାର ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ସହିତ ପରିବାରର ମଙ୍ଗଳ କାମନା କରିବା ପାଇଁ ଲମ୍ବା ଧାଡିରେ ଆସିଥିଲେ । ମନ୍ଦିର ପରିଚାଳନା ଟ୍ରଷ୍ଟର ସଭାପତି ତଥା ପୂର୍ବତନ ବିଧାୟକ ରବି ବେହୁରା ମନ୍ଦିର ଭିତରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ସେହାସେବୀଙ୍କୁ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ । ଆଜି ଭାଦ୍ରିକ ପୂର୍ଣ୍ଣିମା ହେତୁ ତିନ ଦିନ ଯାଏଁ ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଲାଗି ରହିଥିବା ଆଜି ସକାଳୁ ସୟଲପୁରର ବାଉରିସୁତା, ଦେବଗଡର ଲାଇମୁରା, ସୁନ୍ଦରଗଡର ବଡବାଗ ଓ ସୁନ୍ଦରଗଡର ପଦ୍ମପୁର ଜାଡ